୬ ଦକ୍ଷିଣ ଆଫ୍ରିକାକୁ ୧୫ ରନରେ ପରାସ୍ତ କଲା ଭାରତୀୟ ମହିଳା ଦଳ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୯୨ ● ୩୦ ଅପ୍ରେଲ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-92 ● 30th April 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଆତଙ୍କବାଦ ନିରୋଧୀ ଅଭିଯାନରେ ଭାରତୀୟ ସେନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ

**ଶ୍ରୀନଗର/ନୂଆଦିଲ୍ଲୀ, ୨୯।୪**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ପଦକ୍ଷେପ ନେଇ ଦେଶର ସୁରକ୍ଷା ଅଧିକାରୀ ମାନଙ୍କ ସହ ଏକ ଉଚ୍ଚ ସ୍ତରୀୟ ବୈଠକ କରିଛନ୍ତି। ଏହି ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ସିଡିଏସ ଅନୀଲ ଚୌହାନ, ୩ ସେନାବାହିନୀର ସେନାଧ୍ୟକ୍ଷ ଉପସ୍ଥିତ ଥିଲେ ।

ବୈଠକ ପ୍ରାରମ୍ଭରେ ୩ ସେନାଧ୍ୟକ୍ଷ ସାମ୍ପ୍ରତିକ ପରିସ୍ଥିତି ଉପରେ ପ୍ରଧାନମନ୍ତ୍ରୀଙ୍କୁ ସବିଶେଷ ସୂଚନା ପ୍ରଦାନ କରଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଦେଶର ଆତଙ୍କବାଦୀ ନିରୋଧୀ ଅଭିଯାନକୁ ପୂର୍ଣ୍ଣ ରୂପ ଦେବା ପାଇଁ ୩ ସେନାକୁ ଦାୟିତ୍ୱ ଦେଇଥିବା ଜଣାପଡିଛି। ଗତ ୨ ଦିନ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ପହଲଗାମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚାଲିଥିବା ସୁରକ୍ଷା ସ୍ଥିତି ଓ ସେନା ଅଭିଯାନ ସମ୍ପର୍କରେ ସୂଚନା ଦେଇଛନ୍ତି । ପ୍ରାୟ ଦେଢ ଘଣ୍ଟାର ବୈଠକରେ ଆଗାମୀ ରଣନୀତି ନେଇ ବିଚାର ବିମର୍ଷ କରାଯାଇଥିବା ଆକଳନ କରାଯାଉଛି । କୌଣସି ବି ପଦକ୍ଷେପ ପାଇଁ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିବା ସହ ୩ ସେନା ମିଳିତ ନିଷ୍ପତ୍ତି ନେବେ ବୋଲି ପ୍ରଧାନମନ୍ତ୍ରୀ କହିଥିବା ସୂଚନା ମିଳିଛି ।

ସୂଚନାଯୋଗ୍ୟ ୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନୀରିହ ଲୋକଙ୍କ ଜୀବନ ଯିବା ସହ ଅନେକ ଲୋକ ଆହତ ହୋଇଥିଲେ। ଆକ୍ରମଣ ପରଠୁ ଘାଟୀରେ ସୁରକ୍ଷା ଏଜେନ୍ସିକୁ ହାଇ ଆଲର୍ଟରେ ରଖାଯାଇଛି।

ଜମ୍ମୁ ଓ କଶ୍ମୀରର ପହଲଗାମରେ ବିଗତ ୨୨ ତାରିଖରେ ଘଟିଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି । ଲେଫ୍ଟନାଣ୍ଟ ଜେନେରାଲ ପ୍ରତୀକ ଶର୍ମାଙ୍କୁ ଉଧମପୁରସ୍ଥିତ ଉତ୍ତର କମାଣ୍ଡର ଭାବେ ନିଯୁକ୍ତ କରାଯାଇଛି।

ଲେଫ୍ଟନାଣ୍ଟ ଜେନେରାଲ ପ୍ରତୀକ ଶର୍ମା, ଯିଏ ପୂର୍ବରୁ (ପୃଷ୍ଠା ୭ରେ)

## ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ : ସଜାଗ ରହିବା ପାଇଁ ସରକାରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୪**

**ନ୍ୟୁଜ୍ ବ୍ୟୁରୋ**




ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୧୯ ମସିହା ମଇ ମାସରେ ଗ୍ରୀଷ୍ମକାଳୀନ ବାତ୍ୟା 'ଫନୀ'ର ଅଭିଜ୍ଞତାକୁ ଭିତ୍ତିକରି ରାଜ୍ୟରେ ଗ୍ରୀଷ୍ମକାଳୀନ ବାତ୍ୟା ପରିଚାଳନା ନେଇ ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଥିଲା । ସ୍ଥାନୀୟ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ସମୀକ୍ଷା କରି ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି କରିବାକୁ ସଂପୃକ୍ତ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ । ବର୍ତ୍ତମାନ ରାଜ୍ୟରେ ବାତ୍ୟା ନେଇ କୌଣସି ସୂଚନା ନଥିବାବେଳେ ଯେକୌଣସି ବିପର୍ଯ୍ୟୟର ସମ୍ମୁଖୀନ କରିବା ପାଇଁ ପ୍ରତି ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ କହିଥିଲେ । ଏତଦବ୍ୟତୀତ ବାତ୍ୟା ସୂଚନା ତଳ ସ୍ତରରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଖୁବ୍ ଶୀଘ୍ର ପହଞ୍ଚାଇବା ପାଇଁ ଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂହ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ । ଓସ୍‌ଡମା ପକ୍ଷରୁ ବାତ୍ୟା ପ୍ରସ୍ତୁତି ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିଲା । ପାଣିପାଗର ପୂର୍ବାନୁମାନ ସ୍ଥିତି ସଂପର୍କରେ ଅବଗତ କରି ବାତ୍ୟା କିମ୍ବା ପାଣିପାଗ ସତର୍କ ସୂଚନା ପ୍ରସାରଣ ପାଇଁ ବର୍ତ୍ତମାନର ବ୍ୟବସ୍ଥା, ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ସତର୍କ ସୂଚନା ଜାରି ଏବଂ ଗୋପାଳପୁର ଓ ପାରାଦ୍ୱୀପଠାରେ ଡପଲର ଓ୍ୱେଦର ରାଡାର ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଥିବା ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏଥି (ପୃଷ୍ଠା ୭ରେ)

## ମେ' ୨ରୁ ଓଜେଇଇ ପରୀକ୍ଷା

**ଭୁବନେଶ୍ୱର, ୨୯।୪**

**ନ୍ୟୁଜ୍ ବ୍ୟୁରୋ**

ଓଜେଇଇ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମେ' ୨ରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ପରୀକ୍ଷା । ରାଜ୍ୟ ଭିତରେ ୩୦ଟି ଓ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ତିନିଟି ସିଫ୍ଟରେ ପରୀକ୍ଷା ହେବ। ସାଢ଼େ ୮ଟାରୁ ସାଢ଼େ ୧୦ଟା, ସାଢ଼େ ୧୨ଟାରୁ ସାଢ଼େ ୨ଟା ଏବଂ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ଏହି ପରୀକ୍ଷା ଚାଲିବ। ସେହିପରି ୨ ତାରିଖରେ ତିନିଟି ସିଫ୍ଟରେ ବି.ଫାର୍ମା ପରୀକ୍ଷା ହେବ।

## ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ଶିକ୍ଷା ପାଇଁ ଦିଆଯିବ ଯାଦୁପେଡି

**ଭୁବନେଶ୍ୱର, ୨୯।୪**

**ନ୍ୟୁଜ୍ ବ୍ୟୁରୋ**




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦିନ ଲୋକସେବା ଭବନ ଠାରେ ଶିଶୁ ବାଟିକା ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡି ଦେଖିବା ସହିତ, ପିଲାମାନଙ୍କ ପାଇଁ ଏହାର ଉପଯୋଗିତା ବିଷୟରେ ବୁଝିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଯାଦୁପେଡି ଭିତରେ ଥିବା ବିଭିନ୍ନ ସାମଗ୍ରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଏହି ପେଡି ଭିତରେ ଥିବା ସାମଗ୍ରୀ (ପୃଷ୍ଠା ୭ରେ)

## ଜଷ୍ଟିସ ବିଆର. ଗଭାଇ ଭାରତର ପ୍ରଧାନ ବିଚାରପତି ଭାବେ ନିଯୁକ୍ତ

**ନୂଆଦିଲ୍ଲୀ, ୨୯।୪**

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇଙ୍କୁ ଭାରତର ୫୨ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଁ ଅନୁମୋଦନ କରିଛନ୍ତି। ଜଷ୍ଟିସ ଗଭାଇ ଆସନ୍ତା ମେ ୧୪ ତାରିଖରେ ଶପଥ ଗ୍ରହଣ କରିବେ, ଯିଏକି ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ଅବସର (ମେ ୧୩, ୨୦୨୫) ପରେ ଏହି ପଦବୀ ଗ୍ରହଣ କରିବେ। ଏହି ନିଯୁକ୍ତି ଭାରତୀୟ ବିଚାର ବ୍ୟବସ୍ଥାରେ ଏକ ଐତିହାସିକ ମୁହୂର୍ତ୍ତ ଚିହ୍ନିତ କରୁଛି, (ପୃଷ୍ଠା ୭ରେ)




ମୁଁ ଭାବୁଛି ଏଠାରେ ଆମେ ଏକ ନିର୍ଦ୍ଦିଷ୍ଟ ନକ୍ସା ଦେଖିପାରିବା

*ସୌଜନ୍ୟ : ସୋସିଆଲ ମିଡିଆ*

## ଏକାଳ ପଖାଳ





କାଙ୍ଗାଳି କହୁ କଥା କଥାରେ
ପକେଇବୁ ତୁ ପରମାଣୁ
ମୋଦୀଙ୍କର ଟିକେ ବୈଠକ ଦେଖିକି
କାହିଁ ହେଇଯାଉ ସ୍ଥାଣୁ ?
ଖାଲି ସପନରେ ଯୁଦ୍ଧ ଜିଣୁ
ଚୀନ ପିଠିରେ ପଡିବନି ତୋର
ମିଛେ ମରିଯିବୁ ଶୁଣୁ।

## ଲୋକଙ୍କ ସ୍ୱାଧୀନତା ପାଇଁ ସାମ୍ବାଦିକତାର ସ୍ୱାଧୀନତା ଜରୁରୀ

**ନୂଆଦିଲ୍ଲୀ, ୨୯।୪**

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ (୩ ମଇ) ଅବସରରେ ଜାତିସଂଘର ମହାସଚିବ ଏଣ୍ଟୋନିଓ ଗୁଟେରେସ ଏକ ବାର୍ତ୍ତା ଜାରି କରିଛନ୍ତି । ଯେଉଁଥିରେ ସେ ଲୋକଙ୍କ ସ୍ୱାଧୀନତା ପାଇଁ ସାମ୍ବାଦିକତାର ସ୍ୱାଧୀନତାକୁ ଅତ୍ୟାବଶ୍ୟକ ବୋଲି ବର୍ଣ୍ଣନା କରିଛନ୍ତି। ଗୁଟେରେସ୍ କହିଛନ୍ତି ଯେ ସ୍ୱାଧୀନ ଏବଂ ନିରପେକ୍ଷ ସାମ୍ବାଦିକତା ସମସ୍ତଙ୍କ ହିତରେ ଏବଂ ଏହା ଉତ୍ତରଦାୟିତ୍ୱ, ନ୍ୟାୟ, ସମାନତା ଏବଂ ମାନବାଧିକାରର ମେରୁଦଣ୍ଡ।



ଆଜି ସାମ୍ବାଦିକମାନେ ଆକ୍ରମଣ, ଅଟକ, ସେନସରସିପ୍ ଏବଂ ହିଂସାର ସମ୍ମୁଖୀନ ହେଉଥିବା ନେଇ ଗୁଟେରେସ୍ ଚିନ୍ତା ପ୍ରକାଶ କରିଛନ୍ତି। ସେ ଯୁଦ୍ଧ କ୍ଷେତ୍ରରେ, ବିଶେଷକରି ଗାଜାରେ ବଢୁଥିବା ସାମ୍ବାଦିକଙ୍କ ମୃତ୍ୟୁ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ଯେତେବେଳେ ସାମ୍ବାଦିକମାନେ ସୁରକ୍ଷିତ ଭାବରେ ସେମାନଙ୍କର କାମ କରିପାରିବେ ନାହିଁ, ଏହା ସମସ୍ତଙ୍କ ପାଇଁ କ୍ଷତି। ଏହି ବର୍ଷର ବିଷୟବସ୍ତୁ ଉପରେ ଆଲୋକପାତ କରି ସେ କହିଥିଲେ ଯେ (ପୃଷ୍ଠା ୭ରେ)

## ୯୦.୫% ଟୀକାକରଣ ସହିତ ଓଡ଼ିଶା ଦେଶରେ ଶୀର୍ଷ

**ଭୁବନେଶ୍ୱର, ୨୯।୪**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଜନସ୍ୱାସ୍ଥ୍ୟକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପିଢ଼ିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ମଙ୍ଗଳବାର ରାଜ୍ୟରେ ମିଳିମିଳା ଏବଂ ରୁବେଲା (ଏମଆର) ନିରାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକ ବିସ୍ତୃତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀର ଉନ୍ମୋଚନ କରିଛନ୍ତି । ଅପ୍ରେଲ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ବିଶ୍ୱ ଟୀକାକରଣ ସପ୍ତାହ ୨୦୨୫ର ଉତ୍ସବର (ପୃଷ୍ଠା ୭ରେ)


DADLS-

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ, ବିଶେଷ କରି ଆମର ଚାଷୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଚାଷୀ ଭାଇଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ । ଚଳିତ ବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0611/2526


## ସ୍ମରଣୀୟ ରହିବେ ଏସ୍.ଏ. କଲିମ




■ ବିବେକାନନ୍ଦ ଜେନା

ଶେଖ୍ ଅବଦୁଲ କଲିମ (ଏସ୍.ଏ କଲିମ) ଓଡ଼ିଶାର ସାମ୍ବାଦିକତା ଜଗତରେ ଏକ ସୁପରିଚିତ ନାମ। ଜୀବନର ଶେଷ ପର୍ଯ୍ୟନ୍ତ ସେ କେବଳ ସାମ୍ବାଦିକତାରେ ହିଁ ବୁଡ଼ି ରହିଥିଲେ। କେବଳ ସାମ୍ବାଦିକତା ନୁହେଁ, ଉତ୍ସର୍ଗୀକୃତ ନିଷ୍ଠାପର ତଥା ଦାୟିତ୍ୱସମ୍ପନ୍ନ ସାମ୍ବାଦିକତାରେ ସେ ସିଦ୍ଧହସ୍ତ ଥିଲେ। ତାଙ୍କର ଏହି ମହନୀୟ କାର୍ଯ୍ୟ ପାଇଁ ସେ ସବୁଦିନ ଲାଗି ସ୍ମରଣୀୟ ହୋଇ ରହିବେ। ଅକାଳରେ, ଅବେଳାରେ ସେ ଆମକୁ ଛାଡ଼ି ଚାଲିଗଲେ, ଆମ ଗହଣରୁ ବିଦାୟ ନେଇଗଲେ। ସାମ୍ବାଦିକତା କ୍ଷେତ୍ରରେ ଜଣେ ପ୍ରକୃତ ଦରଦୀ ବନ୍ଧୁ, ନିଷ୍କପଟ ହୃଦୟର ଭଲ ମଣିଷ ଭାବେ ସେ ସର୍ବଦା ଯୁବ ସାମ୍ବାଦିକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ, ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସମସ୍ତେ ତାଙ୍କୁ ଭଲ ପାଉଥିଲେ ଏବଂ ଆଦର କରୁଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା ବିଭିନ୍ନ ବର୍ଗର ପ୍ରତ୍ୟେକଟି ମଣିଷ ସାମ୍ବାଦିକ ହେଉ, ଲେଖକ ହେଉ, ଗବେଷକ ହୁଅନ୍ତୁ କିମ୍ବା ରାଜନେତା ବା ପ୍ରଭାବଶାଳୀ ବ୍ୟକ୍ତି, ସମସ୍ତେ ତାଙ୍କର ଅମାୟିକ ଜୀବନ ଶୈଳୀ, ପରୋପକାରୀ ଚିନ୍ତାଧାରା ବିଶେଷକରି ହିନ୍ଦୁଧର୍ମ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଜଣେ ଅସାଧାରଣ ପାଣ୍ଡିତ୍ୟରେ ପ୍ରଭାବିତ ହୋଇଥିଲେ ଏବଂ ତାଙ୍କର ଏହିସବୁ ଉଲ୍ଲେଖନୀୟ ବ୍ୟକ୍ତିତ୍ୱ ପାଇଁ ପ୍ରଶଂସା ମଧ୍ୟ କରୁଥିଲେ। କେବଳ ଏତିକି ନୁହେଁ ଜଣେ ଉଚ୍ଚକୋଟୀର ସାମ୍ବାଦିକ ପାଖରେ ଯେଉଁସବୁ ଗୁଣ ବା ଜ୍ଞାନ ରହିବା କଥା, ତାହା ତାଙ୍କ ପାଖରେ ଭରି ହୋଇ ରହିଥିଲା। ସାମ୍ପ୍ରତିକ ପ୍ରସଙ୍ଗ ବିଶେଷକରି ଜାତୀୟ ଓ ଆନ୍ତର୍ଜାତିକ ସମସ୍ୟା ସମ୍ବଳିତ ବିଷୟ, ସାମାଜିକ, ଆଞ୍ଚଳିକ ସମସ୍ୟା, ସାଂସ୍କୃତିକ, ପୌରାଣିକ ଓ ଆଧ୍ୟାତ୍ମିକ ପ୍ରସଙ୍ଗରେ ମଧ୍ୟ ତାଙ୍କର ବିଶ୍ଳେଷଣାତ୍ମକ ଲେଖା ଓ ସ୍ତମ୍ଭ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ଯାହା ପାଠକ ମହଲରେ ମଧ୍ୟ ବେଶ୍ ଆଦୃତି ଲାଭ କରିଥିଲା।

୨୦୨୫ ମସିହା ଏପ୍ରିଲ ୧୮ ତାରିଖ (ଗୁଡ୍ ଫ୍ରାଇଡେ) ରାତିରେ ଏସ୍.ଏ କଲିମଙ୍କର ଅକାଳ ବିୟୋଗ ସମ୍ପର୍କିତ ଖବର ଆମେ 'ସମ୍ବାଦ କଳିକା' କାର୍ଯ୍ୟାଳୟରେ କାମ କରୁଥିବା ବେଳେ ଶୁଣିବାକୁ ପାଇଲୁ। ଏହି ଖବରଟି ଶୁଣିବା ପରେ ପରିବେଶ ସ୍ତବ୍ଧ ହୋଇଗଲା ପରି ଜଣାପଡ଼ିଲା। ଆମେ ହଠାତ୍ ନିର୍ବାକ ହୋଇଗଲା ଭଳି ଅନୁଭବ କଲୁ କିଛି ସମୟ ପାଇଁ। ହଠାତ୍ କିଛି ଜଣାପଡ଼ିଲା ନାହିଁ। ସତେ ଯେମିତି ଗୋଟେ ବଡ଼ ଅଘଟଣ ଘଟିଗଲା ଏବଂ ସବୁ କିଛି ଓଲଟ ପାଲଟ ହୋଇଗଲା। କଲିମ ବାବୁଙ୍କର ଆକସ୍ମିକ ବିୟୋଗ ଖବରକୁ ଆମେ ସହଜରେ ଗ୍ରହଣ କରିପାରିଲୁ ନାହିଁ। ହେଲେ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଅପ୍ରେଲ ୨୦୨୫ ବୁଧବାର





# କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ବୈଜୟନ୍ତଙ୍କ ଆଲୋଚନା



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାରେ ଏକ ବହୁମୁଖୀ ଦାତବ୍ୟ ଚିକିତ୍ସାଳୟ କରାଯିବ । ଏଥିପାଇଁ ରାଜ୍ୟ ସରକାର ଜମି ଓ ଅନୁସଙ୍ଗିକ ସୁବିଧା ସମ୍ପୃକ୍ତ ଦାତବ୍ୟ ସଂସ୍ଥାକୁ ଯୋଗାଇ ଦେବେ । ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ରାପଡ଼ାରେ ହସ୍ପିଟାଲ୍ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି, ତେଣୁ ଏହି କାର୍ଯ୍ୟକୁ ଆଗକୁ ବଢ଼ାଯିବ। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ସାକ୍ଷାତ କରି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ସେହିଭଳି କେନ୍ଦ୍ରାପଡ଼ାର ତଳିଆ ଅଞ୍ଚଳ ଜଳମଗ୍ନରୁ ମୁକ୍ତ କରିବା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାନଦୀ ଉପରେ ଏକ ବ୍ୟାରେଜ୍ ନିର୍ମାଣ କରାଯିବା ପାଇଁ ସାଂସଦ ପ୍ରସ୍ତାବ ଦେଇଛନ୍ତି । ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ଗହଗପାଟ ଅଞ୍ଚଳ, କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିସିବିଲପାଟ ଅଞ୍ଚଳରେ ବନ୍ୟା ଦ୍ୱାରା ଜଳମଗ୍ନ ହେଉଥିବା ଅଞ୍ଚଳ ଗୁଡ଼ିକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହା ବ୍ୟତୀତ ଜିଲ୍ଲାରେ ଲଜିଷ୍ଟିକ୍ସ ପାର୍କ ନିର୍ମାଣ, ଶୀତଳଭଣ୍ଡାର ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପ ତ୍ୱରାନ୍ୱିତ କରିବା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଡାଙ୍ଗମାଳ ଅଞ୍ଚଳରେ ଇକୋ ଟୁରିଜିମ୍, ଲଳିତଗିରିରେ ବୌଦ୍ଧ ପର୍ଯ୍ୟଟନକୁ ଆହୁରି ବ୍ୟାପକ କରିବା ଏବଂ ଜିଲ୍ଲାରେ ଖାଲିପଡ଼ିଥିବା ବିଭିନ୍ନ ସରକାରୀ ପଦ ପୂରଣ ଲାଗି ସାଂସଦ ଶ୍ରୀ ପଣ୍ଡା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଅନୁରୋଧ କରିଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍‌ସିବି ପ୍ରସୂତି ବିଭାଗରେ ଏଣିକି ମିଳିବ ଅତ୍ୟାଧୁନିକ ଚିକିତ୍ସା ସୁବିଧା

**କଟକ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ଏସ୍‌ସିବି ଏମ୍‌ସିଏଚ୍)ର ନବକଳେବର କରାଯାଉଛି । ଏହାକୁ ଏମ୍ସ ପ୍ଲସ୍ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଡାକ୍ତରଖାନାର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗର ବିଭିନ୍ନ ସମସ୍ୟାର ସମାଧାନ ଓ ଏହାର ଆଧୁନିକ ରୂପାନ୍ତରୀକରଣ ନିମନ୍ତେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି । ପ୍ରାଥମିକ ସ୍ତରରେ ଶଯ୍ୟା ସଂଖ୍ୟା ବୃଦ୍ଧି ଦିଗରେ ଗୁରୁତ୍ୱ ଦିଆଯାଇଛି । ଏଠାରେ ସମ୍ପ୍ରତି ୨୪୦ ଶଯ୍ୟା ରହିଥିବାବେଳେ ଏହାକୁ ୧୦୦୦ରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି । ବିଭାଗର କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଇ




ନବୀକରଣ କାର୍ଯ୍ୟ ଆରମ୍ଭ ହେବ । ତାହାରି ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ (ଓବିସିସି) ସହ ଆଲୋଚନା କରାଯିବା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହୋଇ କାର୍ଯ୍ୟାରମ୍ଭ ହେବ ବୋଲି ଜଣାପଡ଼ିଛି । ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପରେ ୪ଟି ନୂତନ କ୍ଲିନିକାଲ୍ କୋଠା ନିର୍ମାଣ କରାଯାଉଛି । ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି । ଡାକ୍ତରଖାନାର ଏକାଧିକ ବିଭାଗ ସ୍ଥାନାନ୍ତର ହୋଇ ନୂତନ କୋଠାକୁ ଚାଲିଯିବ, କିନ୍ତୁ ଏସ୍‌ସିବି ପରିସରରେ ରହିଥିବା ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗକୁ ସ୍ଥାନାନ୍ତର ନକରି ନବୀକରଣ କରାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ବରିଷ୍ଠ ଡାକ୍ତରଙ୍କ କହିବା ମୁତାବକ, ଏବେ ୨୪୦ ଶଯ୍ୟା ରହିଛି । ୪ ମହଲା ବିଶିଷ୍ଟ ଏହି କୋଠାରେ କେବଳ ସ୍ତ୍ରୀରୋଗ ବିଭାଗ କାମ କରୁଛି । ମାତ୍ର ଏହା ରୋଗୀମାନଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ । ଆବଶ୍ୟକତା ଠାରୁ ଅଧିକ ରୋଗୀ ଆସୁଥିବାରୁ ରୋଗୀଙ୍କୁ ତଳେ ଶୋଇବାକୁ ପଡୁଛି । ତେଣୁ ନୂତନ କୋଠା ଏହି ସମସ୍ୟାର ସମାଧାନ କରିପାରିବ ବୋଲି ଆଶା କରାଯାଉଛି । ତେବେ ପୁରୁଣା କୋଠା ନିକଟରେ ହିଁ ନୂତନ କୋଠା ନିର୍ମାଣ କରାଯିବ । ଏଠାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସହ ମା ଓ ଶିଶୁଙ୍କ ପାଇଁ ମଦର ଆଣ୍ଡ ନ୍ୟୁବର୍ଣ୍ଣ କେୟାର୍ ୟୁନିଟ୍ (ଏମ୍‌ଏନ୍‌ସିୟୁ) ଖୋଲିବ । ଏହି ବ୍ୟବସ୍ଥା ଏସ୍‌ସିବିରେ ଆରମ୍ଭ ହେଲେ ରାଜ୍ୟର କୌଣସି ସରକାରୀ ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ଏହା ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ହେବ । ଏଥିରେ ସଫଳତା ମିଳିଲେ ଆଗକୁ ରାଜ୍ୟର ସମସ୍ତ ମେଡ଼ିକାଲ୍ କଲେଜରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାର ଯୋଜନା ରହିଛି । ପ୍ରକାଶଥାଉ କି, କଟକରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ୍ (ଏସ୍‌ସିବି ଏମ୍‌ସିଏଚ୍)ରେ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗ ୧୯୫୧ ମସିହାରେ ପ୍ରଫେସର ଡ. ପିସି ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ପରେ ୧୯୬୧ ବେଳକୁ ଏଠାରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ସହ ଶିଶୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଯୋଡ଼ି ହୋଇଥିଲା । ଏହି ବିଭାଗ ବର୍ତ୍ତମାନ ଓଡ଼ିଶାରେ ମହିଳା ସ୍ୱାସ୍ଥ୍ୟସେବା ପାଇଁ ଏକ ପ୍ରମୁଖ ରେଫରାଲ୍ ସେଣ୍ଟର ଭାବରେ କାର୍ଯ୍ୟ କରୁଛି ।

# ଗୋଦାମରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ପାଇପ୍ ଜଳିଗଲା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ପାରାଦୀପର ଜିରୋ ପଏଣ୍ଟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏକ ଘରୋଇ କମ୍ପାନୀର ଷ୍ଟକ୍‌ୟାର୍ଡରେ ଥିବା ପାଇପ୍ ଜଳିଯାଇଛି । ନିଆଁର ପ୍ରକୋପ ଏତେ ଥିଲା ଯେ, ବହୁ ଉଚ୍ଚକୁ ଧୂଆଁ ଉଠିଥିଲା । ବହୁ ଦୂର ଯାଏଁ ଏହି କଳା ଧୂଆଁ ଦେଖି ଲୋକ ଭୟଭୀତ ହୋଇପଡ଼ିଥିଲେ । ଖବରପାଇ କୁଜଙ୍ଗ ଅଗ୍ନିଶମ କେନ୍ଦ୍ର ସମେତ ସମସ୍ତ କମ୍ପାନୀର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିଶମ କେନ୍ଦ୍ର ସୂଚନା ଅନୁସାରେ, ଜିରୋ ପଏଣ୍ଟ ନିକଟରେ ଟେକ୍ନୋମାଉଣ୍ଟ-ମେଟାଲ୍‌କ୍ରାଫ୍ଟ କମ୍ପାନୀର ଷ୍ଟକ୍‌ୟାର୍ଡରେ ବିପୁଳ ପରିମାଣର ପାଇପ୍ ଗଦା ହୋଇଥିଲା । ଏହି ପାଇପ୍ ରିଫାଇନାରିକୁ



ସମୁଦ୍ର ମଧ୍ୟରୁ ଜାହାଜରୁ ତେଲ ଆସିବାରେ ବ୍ୟବହାର ହୁଏ । ପାଇପ୍‌ଗୁଡ଼ିକ ଲୁହାର ହୋଇଥିବା ବେଳେ ସେଥିରେ କେମିକାଲ୍‌ଯୁକ୍ତ ରବର, ସିନ୍ଥେଟିକ୍ ପ୍ରଲେପ ବ୍ୟବହାର କରାଯାଇଥାଏ । ଅବ୍ୟବହୃତ ପାଇପ୍‌ଗୁଡ଼ିକ ଷ୍ଟକ୍‌ୟାର୍ଡରେ ଗଦା ହୋଇଥିଲା । ଅପରାହ୍ଣ ପ୍ରାୟ ୧ଟା ୪୫ରେ ହଠାତ୍ ନିଆଁ ଲାଗି ସେଗୁଡ଼ିକ ଜଳିବାକୁ ଲାଗିଥିଲା । ପାଇପ୍‌ରେ ଦହନଶୀଳ ପଦାର୍ଥ ଥିବାରୁ ଅଳ୍ପ କେଇ ମିନିଟ୍ ମଧ୍ୟରେ ପୂରା ଅଞ୍ଚଳକୁ ନିଆଁ ବ୍ୟାପୀ ଯାଇଥିଲା । ଖବର ପାଇ କୁଜଙ୍ଗ ଅଗ୍ନିଶମ ବାହିନୀର ଗୋଟିଏ ନିଆଁ ଲିଭା ଗାଡ଼ି ଓ ପମ୍ପ, ଜଗତସିଂହପୁର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଗାଡ଼ି, ଆଇଓସିଏଲ୍‌ର ୪, ପାରାଦୀପ ବନ୍ଦର, ପିପିଏଲ୍, ଇଫ୍‌କୋ ଏବଂ ଏଏମ୍‌ଏନ୍‌ଏସ୍‌ର ଗୋଟିଏ ଲେଖାଏଁ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲେ । ୧୧ଟି ନିଆଁ ଲିଭା ଗାଡ଼ି ବ୍ୟବହୃତ ହୋଇଥିବା ବେଳେ ଦମକଳ ବାହିନୀକୁ ନିଆଁକୁ ଆୟତ୍ତ କରିବାକୁ ସାଢ଼େ ୩ ଘଣ୍ଟା ଲାଗି ଯାଇଥିଲା । ନିଆଁ ଲିଭାଇବା ପାଇଁ ଫୋମ୍‌ଯୁକ୍ତ ପାଣି ବ୍ୟବହାର କରାଯାଇଥିଲା । ଅପରାହ୍ଣ ୫ଟା ୧୫ରେ ନିଆଁ ଆୟତ୍ତକୁ ଆସିଥିଲା । ଅଗ୍ନିକାଣ୍ଡର କାରଣ ଏଯାଏଁ ଜଣାପଡ଼ିନାହିଁ । ଲକ୍ ଥାନା ପୁଲିସ, ଏଡିଏମ୍ (ପାରାଦୀପ) ନିରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

# ସୁନା ବେପାରୀଙ୍କୁ ମାଡ଼ ମାରି ଅଳଙ୍କାର ବ୍ୟାଗ୍ ଝାମ୍ପି ନେଲେ ଦୁର୍ବୃତ୍ତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରଣପୁର ଜଳଙ୍ଗଡ଼ିହା ଛକରେ ଥିବା ସାହୁ ଜୁଏଲାରୀ ୱର୍କସପ୍ ମାଲିକ ଦୀପକ ସାହୁଙ୍କ ଠାରୁ ରବିବାର ରାତିରେ ସୁନା ରୁପା ଅଳଙ୍କାର ଓ ଟଙ୍କା ଲୁଟ୍ ମାମଲାରେ ପୋଲିସ ତଦନ୍ତ ଆରମ୍ଭ କରିଛି । ରବିବାର ସନ୍ଧ୍ୟାରେ ସାହୁ ଜୁଏଲାରୀ ୱାର୍କସପ୍‌ର ମାଲିକ ଦୀପକ ସାହୁଙ୍କୁ ମାଡ଼ ମାରି ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ରୁପା ଲୁଟି ନେଇ ଚମ୍ପଟ୍ ମାରିଥିଲେ ଦୁର୍ବୃତ୍ତ । ଦୀପକ ପୋଲିସକୁ ଦେଇଥିବା ସୂଚନା ଅନୁସାରେ ରବିବାର ସନ୍ଧ୍ୟାରେ ସେ ଦୋକାନ ବନ୍ଦ କରି ନିଜ ମୋଟର ସାଇକେଲରେ ସୁନା ଓ ରୁପା ଗହଣା ବ୍ୟାଗ୍ ଧରି ଘରକୁ ଫେରୁଥିବା ସମୟରେ ଉଡାଘର ଠାରୁ ଅଳ୍ପ ଦୂରରେ ୨ଟି ମୋଟର ସାଇକେଲରେ ୫ ଜଣ ଦୁର୍ବୃତ୍ତ ପିଛା କରିଥିଲେ । ସେ ଖସି ପଳାଇବାକୁ ଉଦ୍ୟମ କରିବାରୁ ଗାଡ଼ି ସହ ପଡ଼ିଯାଇଥିଲେ । ସେମାନେ ଆସି ତାଙ୍କ ମୁଣ୍ଡକୁ ଓ ହାତକୁ ବାଡ଼ିରେ ଆକ୍ରମଣ କରି ତାଙ୍କ ମୋଟରସାଇକେଲ ଡିକିରୁ ସୁନା ରୁପା ଭର୍ତ୍ତି ବ୍ୟାଗ୍ ନେଇ ଆଖି ପିଛୁଳାକେ ପଳାଇଯାଇଥିଲେ । ଖବରପାଇ ଟାଉନ୍ ପୋଲିସ ପହଞ୍ଚି ଘଟଣାର ଅନୁଧ୍ୟାନ ଆରମ୍ଭ କରିଥିଲା । ପାଖରେ ଥିବା ତାରିଣୀ ଗେଷ୍ଟ ହାଉସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରେ ଟାଉନ୍ ଥାନା ପୋଲିସ ଚଢ଼ଉ ଜାରି ରଖିଛି । ଗତ ବର୍ଷ ମଧ୍ୟ ଏହି ବ୍ୟବସାୟୀଙ୍କ ଠାରୁ ଲୁଟ୍ ହୋଇଥିବା ବେଳେ ଏପର୍ଯ୍ୟନ୍ତ କେହି ଧରା ପଡ଼ିନଥିବାବେଳେ ପୁଣି ଲୁଟ୍ ତାଙ୍କର ଚିନ୍ତା ବଢାଇ ଦେଇଛି । କେନ୍ଦୁଝର ଭଳି ଛୋଟ ସହର ଭିତରେ ସେଭଳି ଆବଶ୍ୟକତା ନଥିଲେ ମଧ୍ୟ ଏକାଧିକ ସଂଖ୍ୟାରେ ବାଇକ୍ ପାଟ୍ରୋଲିଂକୁ ଜୋର୍‌ଦାର୍ କରାଯାଉଥିବା ବେଳେ ନରଣପୁର ଓ ଏହାର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ହେଉନଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଲୁଟ୍ ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ ଲୁଟେରାଙ୍କ କୌଣସି ସୁରାଗ ପାଇପାରିନଥିବା ବେଳେ ଲୁଟ୍ ସାମଗ୍ରୀ ମଧ୍ୟ ଜବତ୍ ହୋଇପାରିନାହିଁ । ନରଣପୁରରେ ଏପରି ଲୁଟ୍ ପରେ ବିଭିନ୍ନ ବ୍ୟବସାୟୀ ଓ ଦୋକାନୀମାନେ ଭୟଭୀତ ହୋଇପଡିଛନ୍ତି ।

## ୧ କୋଟି ୨୮ ଲକ୍ଷ ଟଙ୍କା ହଡ଼ପ ଘଟଣାରେ ବାଲେଶ୍ୱର ଯୁବକ ସମ୍ପୃକ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

ନିବେଶ କରାଇବାର ଲୋଭ ଦେଖାଇ ୧ କୋଟି ୨୮ ଲକ୍ଷ ଟଙ୍କା ହଡ଼ପ ଘଟଣାରେ ଜଣେ ଓଡ଼ିଆ ସାଇବର୍ ଠକର ସମ୍ପୃକ୍ତି ସାମ୍ନାକୁ ଆସିଛି । ଗୁଜରାଟରେ ରହି ସାଇବର୍ ଠକଙ୍କ ପାଇଁ ନକଲି ୱେବ୍‌ସାଇଟ୍ ପ୍ରସ୍ତୁତ କରୁଥିଲା । କ୍ରାଇମ୍‌ବ୍ରାଞ୍ଚ ଏହି ଠକକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହିତେଶଭାଇ ପାତ୍ର (୩୯) । ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ଅନ୍‌ଲାଇନ୍‌ରେ ନିବେଶ ଲୋଭ ଦେଖାଇ ୧ କୋଟି ୨୮ ଲକ୍ଷ ଟଙ୍କା ଠକେଇ ହୋଇଥିଲା । ଏ ସଂକ୍ରାନ୍ତରେ କାଇମ୍‌ବ୍ରାଞ୍ଚରେ ୨୦୨୪ରେ ମାମଲା ରୁଜୁ ହୋଇଥିଲା । ସାଇବର ଥାନା ପୋଲିସ ଏହି ମାମଲାର ତଦନ୍ତ କରୁଥିବା ବେଳେ ଗୁଜରାଟର ସୁରଟରେ ରହୁଥିବା ହିତେଶଭାଇ ପାତ୍ରକୁ ଗିରଫ କରାଯାଇଛି । ସେ ବାଲେଶ୍ୱରର ବାସିନ୍ଦା ହୋଇଥିବା ବେଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୭ ଲକ୍ଷ ଟଙ୍କା ଜମା ହୋଇଥିଲା । ଠକେଇ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ସାଇବର୍ ଅପରାଧୀମାନେ ଜମା କରିଥିଲେ । ସେ ସୁରଟରେ ୱେବ୍‌ସାଇଟ୍ ଡିଜାଇନର୍ ଭାବେ କାମ କରୁଥିଲେ । ସାଇବର୍ ଠକଙ୍କ ନକଲି ୱେବ୍‌ସାଇଟ୍ ହିତେଶଭାଇ ପ୍ରସ୍ତୁତ କରୁଥିଲା । ହିତେଶ ଭାଇ ନିକଟରୁ ୬ଟି ବ୍ୟାଙ୍କ ଚେକ୍, ୩୧ଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ, ବିଭିନ୍ନ ନକଲି କମ୍ପାନୀର ୧୩ ରବର୍ ଷ୍ଟାମ୍ପ, ୧୨ଟି ମୋବାଇଲ୍ ଫୋନ୍, ସିମ୍ କାର୍ଡ, ୪ଟି ପେନ୍ ଡ୍ରାଇଭ୍, ୮ଟି ସରକାରୀ ଓ ଘରୋଇ ସଂସ୍ଥାର ପରିଚୟପତ୍ର ଜବତ ହୋଇଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି ।



# ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ:୫ ଗୁରୁତର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ସଦର ଥାନା କାଠିଆ ପଡା ଦାସ ସାହି ଗାଁରେ ଅଘଟଣ । ବାଲି ପକା ସହିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିବା ସହ ମାରଣାସ୍ତ୍ର ଆକ୍ରମଣରେ ଉଭୟ ପକ୍ଷରୁ ୫ ଗୁରୁତର ଓ ୪ ଜଣ ଆହତ ହୋଇଛନ୍ତି । ଗୁରୁତର ମାନଙ୍କୁ ପ୍ରଥମେ ଜଗତସିଂହପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ରବିବାର ବିଳମ୍ବିତ ରାତିରେ ଏହି ସଂଘର୍ଷ ଘଟିଛି । ଦାସ ସାହି ଗାଁର ମଧୁ ଦାସ, ପ୍ରମୋଦ ଦାସ ଓ ବିଦ୍ୟାଧର ଦାସଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା । ସନ୍ଧ୍ୟାରେ କଥା କଟା କଟିକୁ ନେଇ ଉଭୟ ପରିବାରର ମହିଳାଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ବିଳମ୍ବିତ ରାତିରେ ଏହି ଘଟଣା ଉଗ୍ର ରୂପ ନେଇଥିଲା । ଉଭୟ ତିନି ପରିବାରର ମହିଳା ଓ ପୁରୁଷ ପୁନର୍ବାର ପାଟିତୁଣ୍ଡ କରିବା ସହିତ ଖଣ୍ଡା, ଭୁଜାଲି, ପନିକି, କଟୁରୀରେ ମରଣାନ୍ତକ ଆକ୍ରମଣ ହୋଇଥିବାବେଳେ ଟେକା ପଥର ମାଡ଼ କରିଥିଲେ । ଫଳରେ ଉଭୟ ପରିବାରରୁ ୫ ଜଣ ଗୁରୁତର ହୋଇଥିବା ବେଳେ କିଛି ଗ୍ରାମବାସୀ ଗଣ୍ଡଗୋଳକୁ ସମାଧାନ କରିବାକୁ ଆସି ଆହତ ହୋଇଛନ୍ତି । ଆହତ ସାଗର ଦାସ ଓ ବିଦ୍ୟାଧର ଦାସ ସମାଧାନ କରିବାକୁ ଆସି ଗୁରୁତର ଆହତ ହୋଇଥିଲେ । ଆହତ ମାନଙ୍କୁ କଟକ ବଡ଼ ମେଡିକାଲ୍‌କୁ ପଠାଇଦିଆଯାଇଛି । କାଠିଆପଡାର ସସ୍ମିତା ଦାସ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଅନ୍ୟ ପକ୍ଷରୁ କୌଣସି ଏତାଲା ହୋଇନଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ଜଗତସିଂହପୁର ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡିଛି ।

## ମାତୃ ନିର୍ଯାତନାର ପ୍ରତିଶୋଧ

# ଅଭିଯୁକ୍ତ ବାପାଙ୍କୁ ପିଟି ପିଟି ମାରିଦେଲେ ୨ ପୁଅ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କୁଶପୁର ଗ୍ରାମରେ ସୋମବାର ଦୁଇପୁଅ ମିଶି ବାପାଙ୍କୁ ପିଟିପିଟି ହତ୍ୟା କରିବା ପରି ଏକ ସ୍ୱର୍ଶକାତର ଘଟଣା ଘଟିଯାଇଛି । ଦୁଇ ଅଭିଯୁକ୍ତ ପୁଅ ରଞ୍ଜନ ସାହୁ (୩୦) ଓ ପିଣ୍ଟ ସାହୁ (୩୫) ମିଶି ଲୁହା ଛଡ଼ରେ ପିଟିପିଟି ବାପା ଗୋପାଳ କୃଷ୍ଣ ସାହୁ (୬୦)ଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି । ମାଆଙ୍କ ଉପରେ ସବୁବେଳେ ହେଉଥିବା ଅକଥନୀୟ ମାଡ଼କୁ ସହ୍ୟ କରିନପାରି ସେମାନେ ଏଭଳି କାଣ୍ଡ ଘଟାଇଥିବା ପ୍ରକାଶ କରିଛନ୍ତି । କୁଶପୁର ଗ୍ରାମର ଗୋପାଳକୃଷ୍ଣ ସାହୁଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର । ତାଙ୍କର ଦୁଇଝିଅ ଓ ଦୁଇ ପୁଅ ଅଛନ୍ତି । ଦଶବର୍ଷ ତଳେ ବଡ଼ ଝିଅର ବାହାଘର ସରିଥିବା ବେଳେ ଦୁଇମାସ ତଳେ ସାନଝିଅର ବାହାଘର ସରିଛି । ଦୁଇ ପୁଅ ରଞ୍ଜନ ଓ ପିଣ୍ଟ ଅବିବାହିତ । କୌଣସି ଘଟଣାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହିଥିଲା । ସୋମବାର ଅପରାହ୍ନରେ ଗୋପାଳ ଏକ ଲୁହା ଛଡ଼ରେ ତାଙ୍କ ପତ୍ନୀଙ୍କୁ ମାଡ଼ ମାରିବାକୁ ଉଦ୍ୟମ ବେଳେ ଦୁଇପୁଅ ଏହାର ପ୍ରତିବାଦ କରିଥିଲେ । ହେଲେ ଗୋପାଳ କାହାରି କଥା ଶୁଣି ନଥିଲେ । ତେଣୁ ବାପାଙ୍କ ହାତରୁ ଲୁହାଛଡ଼ ଛଡାଇ ନେଇ ଦୁଇ ପୁଅ ଓଲଟା ତାଙ୍କୁ ପିଟି ଚାଲିଥିଲେ । ଏଥିରେ ଗୋପାଳକୃଷ୍ଣଙ୍କ ମୃତ୍ୟୁ ହୋଇଯାଇଥିଲା । ଦୁଇ ପୁଅ ପୋଲିସ ଆଗରେ ନିଜ ଦୋଷ ସ୍ୱୀକାର କରିଛନ୍ତି । ମୃତ ଗୋପାଳଙ୍କ ସ୍ତ୍ରୀ ସୀତା ସାହୁଙ୍କ ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଛି । ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୋପାଳକୃଷ୍ଣଙ୍କ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଦୁଇପୁଅ ପିଣ୍ଟ ଓ ରଞ୍ଜନକୁ ଗିରଫ କରିଛି ।

# ହୃଦ୍‌ଘାତରେ ଯବାନଙ୍କ ମୃତ୍ୟୁ:ବିଏସ୍‌ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଛୁଟି କଟାଇବା ପରେ ନିଜ କର୍ମସ୍ଥଳକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଯବାନଙ୍କର ଦୃଦ୍‌ଘାତରେ ପରଲୋକ ହୋଇଛି । ଯବାନ ଜଣକ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ କବିତୀର୍ଥ ସାନପଦର ଗ୍ରାମର ନୃସିଂହ ଚରଣ ସ୍ୱାଇଁଙ୍କ ପୁଅ ପବିତ୍ର ମୋହନ ଶ୍ରୀଚନ୍ଦନ (୫୪) । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ସମ୍ପର୍କରେ ତିକ୍ତତା ଆସିଥିବାରୁ ସେ ତୁରନ୍ତ ସେନାରେ ଯୋଗଦେବା ଲାଗି ପ୍ରସ୍ତୁତ ହେଉଥିଲେ । ନିଜର ଆସବାବପତ୍ର ସଜାଡୁଥିଲେ । ୩୦ ତାରିଖରେ ସେ କାର୍ଯ୍ୟରେ ଯୋଗଦେଇଥାନ୍ତେ । କିନ୍ତୁ ବିଧିର ବିଧାନ ଅଲଗା ଥିଲା । ଏହା ପୂର୍ବରୁ ତାଙ୍କର ହଠାତ୍ ହୃଦ୍‌ଘାତ ହୋଇଥିଲା । ପରିବାର ଲୋକେ ତୁରନ୍ତ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଖୋର୍ଦ୍ଧା ୦୨ ବିଏନ୍‌ବିଏସ୍‌ଏଫ୍ ବାଟାଲିୟନ୍ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରରୁ ମରଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତାଙ୍କ ଜନ୍ମଭୂମିକୁ ନିଆଯାଇଥିଲା । ପାର୍ଥିବ ଶରୀର ଉପରେ ପୁଷ୍ପ ପ୍ରଦାନ ପୂର୍ବକ ଜାତୀୟ ପତାକାରେ ଘୋଡ଼ାଇ ସାଥି ଯବାନ ଗ୍ରାମ ଶ୍ମଶାନ ଯାଏ କାନ୍ଧରେ ବୋହି ନେଇଥିଲେ । ଜୁଇ ନିକଟରେ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ସହ ତୋପ ସଲାମୀରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା । ଖବରପାଇ ବିଧାୟକ ପ୍ରଦୀପ କୁମାର ସାହୁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।




# ପଞ୍ଚାୟତ ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଓ ପଟ୍ଟାମୁଣ୍ଡାଇ ଥାନା ଅଧିନ ଅରୁଆ ଗ୍ରାମରେ ଥିବା ପଞ୍ଚାୟତ ପୋଖରୀରେ କେହି ଦୁର୍ବୃତ୍ତ ବିଷ ପକାଇ ଦେବାରୁ ଲକ୍ଷାଧିକ ଟଙ୍କାର ବଡ ବଡ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି । ଏନେଇ ମାଛଚାଷ କରିଥିବା ମା ଦୁର୍ଗାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ମା ଦୁର୍ଗାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ପଞ୍ଚାୟତ ପୋଖରୀରେ ମାଛ ଚାଷ କରିବା ପାଇଁ ଲକ୍ଷାଧିକ ଟଙ୍କା ଋଣ କରିଛନ୍ତି । ଏହି ପୋଖରୀରେ ଥିବା ପ୍ରାୟ ୧୨ କ୍ୱିଣ୍ଟାଲ୍‌ରୁ ଅଧିକ ମାଛ ହଠାତ୍ ମରି ଭାସିବାରୁ ଗୋଷ୍ଠୀ ପକ୍ଷରୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରି ଏହି କ୍ଷୟକ୍ଷତି କଣ ପାଇଁ ଘଟିଲା ସେ ବିଷୟରେ ନିଶ୍ଚିନ୍ତ ନହୋଇ କେହି ବିଷ ପ୍ରୟୋଗ କରିଥିବା ଅଭିଯୋଗ କରିଛନ୍ତି । ତେବେ ଏହି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ ସହ କ୍ଷତିପୂରଣ ଦେବାକୁ ସଦସ୍ୟମାନେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଥାନା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଦାବି କରିଥିବା ଜଣାପଡିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୪।୨୦୨୫, ବୈଶାଖ ଦ୧୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୯।୧୫** **ଚନ୍ଦ୍ରୋଦୟ- ପ୍ରାଘ ୭।୧୦।୦୪**


**ତୃତୀୟା-** ଦିଘ ୨।୧୨ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ଘ ୪।୧୮ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ରାଘ ୩।୧୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୩।୧୫ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ରାଘ ୩।୧୫ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୨।୧୨ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୨ ଗତେ ଘ ୭।୦୪ ମଧ୍ୟେ । ଦିଘ ୧।୫୧ ଗତେ ଘ ୫।୧୫ ମଧ୍ୟେ । **ପର୍ବୋତ୍ସବ-** ଅକ୍ଷୟ ତୃତୀୟା, ଅଖିମୁଠି ଅନୁକୂଳ, ଶ୍ରୀମନ୍ଦିରେ ଚନ୍ଦନ ଯାତ୍ରାରମ୍ଭ, କବି ଜୟଦେବ ଜୟନ୍ତୀ, ପରଶୁରାମ ଜୟନ୍ତୀ ।




**ମେଷ:** ମନରେ ସରସତା ରହିବା ସହିତ କର୍ମକ୍ଷେତ୍ରରେ ଅଗ୍ରଗତି । ପରିଶ୍ରମର ପରିମାଣ ଅତିମାତ୍ରାରେ ବଢ଼ିବ । ପାରିବାରିକ ଶାନ୍ତି ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ଦୂରଯାତ୍ରା କରିପାରନ୍ତି । ମନ ଭଲ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ବିରକ୍ତି ବଢ଼ିବ । ସହଯୋଗୀମାନଙ୍କ ସହଯୋଗ ମତିଭ୍ରମ କରିବ । ପଥଭ୍ରଷ୍ଟର ସମ୍ଭାବନା । ଆୟର ପରିମାଣ ବଢ଼ିବ । ପରିବାରରେ କଳହ ସୃଷ୍ଟିର ଆଶଙ୍କା । ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ହେବାର ସୂଚନା ।



**ମିଥୁନ:** ଭୟ ଉପରେ ଆପଣ ବିଜୟ ହାସଲ କରିବେ । ଉତ୍ତମ ଫଳ ଲାଭ ହେବ । ଆୟର ପରିମାଣ କମିଯିବ । ପାରିବାରିକ ଆନନ୍ଦ ବଜାୟ ରହିବ । ପରିଶ୍ରମ ଅଧିକ ହେବ । ଶତ୍ରୁନାଶ ହେବାର ସୂଚନା ରହିଛି ।



**କର୍କଟ:** ମନରେ ଆନନ୍ଦ ଆସିବ । କର୍ମକ୍ଷେତ୍ରରେ ପ୍ରସନ୍ନ ଭାବ ରହିବ । ସାହାଯ୍ୟ ସହଯୋଗ ପାଇ ପ୍ରଗତି ପଥେ ଅଗ୍ରସର ହେବେ । ଆୟ ବଢ଼ିବ । ପରିବାରରେ ସୁଖ ଶାନ୍ତି ଲାଭ କରିବାର ସୂଚନା ମଧ୍ୟ ।




**ସିଂହ:** କର୍ମକ୍ଷେତ୍ରରେ କର୍ମଚାରୀ ତଥା ଭାଇମାନଙ୍କ ସାହାଯ୍ୟ ସହାନୁଭୂତି ଲାଭ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଦ୍ୱନ୍ଦ୍ୱର ସୂଚନା । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ମହିଳାମାନେ ସୁଖୀ ହେବେ ।



**କନ୍ୟା:** ସୁସ୍ଥତା ଅନୁଭବ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସା ଲାଭ । ବନ୍ଧୁ ସହଯୋଗ ପ୍ରାପ୍ତି ହେବ । ବିଶ୍ରାମ ନେବାକୁ ପସନ୍ଦ କରିବେ । ଆୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ରହିବ ।



**ତୁଳା:** କର୍ମକ୍ଷେତ୍ରରେ ଅଶାନ୍ତି । କାର୍ଯ୍ୟ କରିବେ ନାହିଁ । ମନରେ ବାଧା ଆସିବ । ଶାରୀରିକ ଅସୁସ୍ଥତା ଭୋଗିବେ । ବ୍ୟୟର ପରିମାଣ ବଢ଼ିବ । ଆୟ ସ୍ଥିର ରହିବ । କୌଣସି ସୁସମ୍ବାଦ ପ୍ରାପ୍ତିର ସମ୍ଭାବନା ରହିଛି ।



**ବିଛା:** ଆଜି ଦିନଟି ସେତେ ଭଲରେ ଯିବନାହିଁ । ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ଅଥବା ବାଦବିବାଦର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଜଞ୍ଜାଳ ।



**ଧନୁ:** ମନରେ ଅହଂକାର ଆସିବ । ସହଯୋଗୀ ବା କୁଟୁମ୍ବଙ୍କ କ୍ରୋଧ ସୃଷ୍ଟି ହେବ । ଆଶାନତି ବଢ଼ିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିଲେ ମଧ୍ୟ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ । ମହିଳାମାନେ ଗର୍ବୀ ହେବେ ।



**ମକର:** ନୀତି ବହିର୍ଭୂତ କାର୍ଯ୍ୟ କରିବେ । କୂଟ ନୀତିରେ ସଫଳ ପ୍ରାପ୍ତ ହେବ । ଦୂର ସ୍ଥାନକୁ ଯାତ୍ରା କରିବେ । ଲାଭବାନ୍ ହେବେ । ରୋଜଗାର ଭଲ ହେବ । ପରିବାରରେ ଶାନ୍ତି ପାଇବେ । ଦେହ ଓ ମନ ଭଲ ରହିବ ।



**କୁମ୍ଭ:** ଦିନଟି ସେତେ ଭଲ ନୁହେଁ । ପରିଶ୍ରମ ତୁଳନାରେ ଫଳ ପ୍ରାପ୍ତି ହେବନାହିଁ । ଦୂରଯାତ୍ରା କିନ୍ତୁ କାର୍ଯ୍ୟହାନୀ । ଆୟରେ ଅଗ୍ରଗତି ହେବ । ପରିବାର ମଧ୍ୟରେ ଜଞ୍ଜାଳ ରହିବନାହିଁ । ମହିଳାମାନେ ସୁଖୀ ହେବେ ।



**ମୀନ:** ହସ ଖୁସିରେ ଦିନ କାଟିବେ । କର୍ମକ୍ଷେତ୍ରରେ ସାଫଲ୍ୟତା ପ୍ରାପ୍ତି ହେବ । ଦୂରଯାତ୍ରା କରି ଆୟରେ ପ୍ରଗତି ଘଟାଇବେ । ଲୋକପ୍ରିୟତା ବୃଦ୍ଧି ପାଇବ । ପରିବାରରେ ଦୁଶ୍ଚିନ୍ତାର ଆଶଙ୍କା । ମନ ଅସ୍ଥିର ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧।୫।୨୦୨୫, ବୈଶାଖ ଦ୧୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୮।୩୮** **ଚନ୍ଦ୍ରୋଦୟ- ଦିଘ ୮।୧୧।୫୭**

**ଚତୁର୍ଥୀ-** ଦିଘ ୧୧।୨୪ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ଦିଘ ୨।୨୨ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୧।୨୪ ଗତେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୧ ଗତେ ଘ ୭।୦୩ ମଧ୍ୟେ । ଦିଘ ୧୦।୨୭ ଗତେ ଘ ୧।୦୧ ମଧ୍ୟେ । **ପର୍ବୋତ୍ସବ-** ଶ୍ରମିକ ଦିବସ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଅପ୍ରେଲ ୨୦୨୫ ବୁଧବାର

# ଆଭା

## ନୀଳଚକ୍ର ହିଁ ସୁଦର୍ଶନ




କୁହାଯାଏ ବଡ ଦେଉଳର ନୀଳଚକ୍ର ହିଁ ଶ୍ରୀବିଷ୍ଣୁଙ୍କ ଆୟୁଧ ସୁଦର୍ଶନ। ପୁରାଣରେ ବର୍ଣ୍ଣନା ଅଛି, ବିଷ୍ଣୁଙ୍କ ଦକ୍ଷିଣ ହସ୍ତମଣ୍ଡନ କରିଥିଲେ ଚକ୍ରରାଜ ସୁଦର୍ଶନ। ଏଠାରେ ଶୋଭାପାଉଛନ୍ତି ଦଣ୍ଡରୂପରେ ଶ୍ରୀଜୀଉଙ୍କ ବାମ ପାର୍ଶ୍ୱରେ। ପ୍ରଭୁ ସୁଦର୍ଶନଙ୍କୁ ନୀଳଚକ୍ରର ପରିଚୟ ଦେଇ ବସାଇଛନ୍ତି ବଡ଼ଦେଉଳ ଉପରେ। ବାମନ ପୁରାଣ ଅନୁସାରେ, ପାପାଚାରୀ ରାକ୍ଷସମାନଙ୍କର ବିନାଶ ପାଇଁ ଦେବତାଙ୍କର ତେଜପୁଞ୍ଜରୁ ସଦାଶିବ ସୁଦର୍ଶନ ଚକ୍ରଙ୍କୁ ସର୍ଜନା କରି ଗୋଲକବିହାରୀ ବିଷ୍ଣୁଙ୍କ ଶ୍ରୀହସ୍ତରେ ଅର୍ପଣ କରିଥିଲେ। ମତ୍ସ୍ୟ ପୁରାଣ ଅନୁଯାୟୀ, ସୂର୍ଯ୍ୟଦେବଙ୍କ ତେଜ ପ୍ରଶମନ କରି ଜନହିତକାରୀ ରୂପ ନିମନ୍ତେ ତେଜରାଶି ୩ ଭାଗରେ ବିଭକ୍ତ ହେଲା। ପ୍ରଥମ ଭାଗ ସୁଦର୍ଶନ, ଦ୍ୱିତୀୟ ଭାଗ ତ୍ରିଶୂଳ ଓ ଶେଷ ଭାଗ ପରିଚୟ ଲଭିଲା ବଜ୍ର ନାମରେ। ସ୍କନ୍ଦ ପୁରାଣ ଅନୁସାରେ ଶ୍ରୀଜଗନ୍ନାଥ କଳିଯୁଗରେ ନିଜର ଆୟୁଧମାନଙ୍କୁ ତ୍ୟାଗ କରିବାରୁ ପ୍ରଭୁ ସମସ୍ୟାରେ ପଡ଼ିବେ ବୋଲି ବଡ଼ିମା ଦେଖାଇଲେ ସୁଦର୍ଶନ। ପ୍ରଭୁ ତା'ର ଗର୍ବ ଭାଙ୍ଗିବା ପାଇଁ ହନୁମାନଙ୍କୁ ଚୟନ କରନ୍ତି। ହନୁମାନ ସୁଦର୍ଶନଙ୍କୁ ଡାକିବାରୁ ସେ ସେଠାରେ ମଧ୍ୟ କ୍ରୋଧ ସଂଯମ ନ କରି ନିଜର ଗର୍ବ ଦେଖାଇଲେ। ହନୁମାନ ରାଗିଯାଇ ତାଙ୍କୁ ଚାରିଖଣ୍ଡ କରି ଭାଙ୍ଗିଦେଇ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ। ପରେ ହନୁମାନଙ୍କ ପ୍ରାର୍ଥନାରେ ଅହଂଭାବୀ ସୁଦର୍ଶନଙ୍କୁ ପ୍ରଭୁ ଚକ୍ର ପରିବର୍ତ୍ତେ ଦଣ୍ଡ ଭାବରେ ନିଜ ପାଖରେ ରଖିଲେ। ଶ୍ରୀମନ୍ଦିରର ସତ୍ତ୍ୱଲିପି ଅନୁଯାୟୀ ଏହି ଚକ୍ରର ଉଚ୍ଚତା ୧୧ ଫୁଟ୍ ୮ ଇଞ୍ଚ, ବ୍ୟାସ ୭ ଫୁଟ୍ ୬ ଇଞ୍ଚ, ପରିଧି ଫଳକର ଚଉଡ଼ା ୨ ଇଞ୍ଚ, ପରିଧିର ଓସାର ୯ ଇଞ୍ଚ। ଚକ୍ରର କେନ୍ଦ୍ରସ୍ଥିତ ବୃତ୍ତାକାର କ୍ଷେତ୍ରର ବ୍ୟାସ ୨ ଫୁଟ୍ ଅଢେଇ ଇଞ୍ଚ। ଏଥିରେ ୮ଟି ଅର ରହିଛି। ଏହାର ଓଜନ ଦେଢ଼ ଶହ କ୍ୱିଣ୍ଟାଲରୁ ଅଧିକ। ଅଧା ଲୁହା, (ତମ୍ବା, ରୁପା, ସୁନା, ଦସ୍ତା, ସୀସା ଓ ପାରଦ) ଆଦି ଧାତୁରୁ ପାଏ ଲେଖାଏଁ ଭାଗ କରି ଅଷ୍ଟଧାତୁକୁ ନେଇ ଏହା ନିର୍ମିତ।

## ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର 'ସୋର ଘାଟି'

ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅତି ନିକଟରୁ ଅନୁଭବ କରିବାକୁ କିମ୍ବା ନିରୋଳା ସମୟ ଟିକିଏ କାଟିବାକୁ ଚାହୁଁଛନ୍ତି ତେବେ 'ପିଥୋରାଗଡ' ଠାରୁ ଆଉ କୌଣସି ସ୍ଥାନ କ'ଣ ବା ଅଛି।ଉତ୍ତରାଖଣ୍ଡରେ ଅବସ୍ଥିତ ଏହି ସ୍ଥାନକୁ 'ଛୋଟା କଶ୍ମୀର'ବୋଲି ମଧ୍ୟ କୁହାଯାଏ। କାରଣ ଏହାର ଘନ ସବୁଜିମା ଭରାଜଙ୍ଗଲ, ରଙ୍ଗବେରଙ୍ଗୀ ଫୁଲ ସତେ ଯେପରିକ ଜୀବନରପ୍ରତି ମୁହୂର୍ତ୍ତକୁ ରଙ୍ଗୀନ କରିଥାଏ। 'ପିଥୋରାଗଡ'କୁ ପୂର୍ବେ 'ସୋର ଘାଟି' ବୋଲି କୁହାଯାଉଥିଲା। କାରଣ ଏହି ଘାଟିଉପରେ ୭ଟି ପୋଖରୀ ରହିଥିଲା। ତେବେ ପ୍ରତିଦିନ ସେଠାରୁ ପାଣି ସରି ସରି ପୁରା ଶୁଖିଗଲା। ତେଣୁ ଏହାକୁ'ପିଥୋରାଗଡ' ବୋଲି କୁହାଗଲା। ଯେଉଁ ଘାଟୀରେ ପିଥୋରାଗଡ ରହିଛି ତାହାର ଲମ୍ବା ୮ କି.ମି ଓ ଚଉଡା ୧୫କି.ମି। ଏହି ଗଡ ଅନେକ ଐତିହାସିକ ଘଟଣାବଳୀର ମୁକସାକ୍ଷୀ। ଯଦି ରାଫ୍ଟିଙ୍ଗ କିମ୍ବା ସ୍କିଇଙ୍ଗ କରିବାର ଇଚ୍ଛାଥାଏ ତେବେ ଏଠାରେ କରିପାରିବେ। ଏହା ସହିତ ପିଥୋରାଗଡର ଆଖପାଖରେ ଅନେକ ଦର୍ଶନୀୟ ସ୍ଥାନ ରହିଛି। ତାହା ମଧ୍ୟ ବୁଲିପାରିବେ।





## ଶାଢୀରେ ଫଲ୍ ଲଗାଉଛନ୍ତି କି ?



ବନାରସୀ, କଟନ ବା ସିଲକ ଅବା ଯେଉଁ ପ୍ରକାରର ଶାଢୀ ହେଲେ ବି ସେଥିରେ ସବୁବେଳେ କଟନଲଲଗାନ୍ତୁ । ସବୁବେଳେ ଫଲକୁ ଧୋଇ କରି ଲଗାନ୍ତୁ । ଫଲକୁ କେବେହେଲେ ପୁରା ଖୋଲି ଘାଣ୍ଟି ପକାନ୍ତୁ ନାହିଁ । ଏହାଦ୍ୱାରା ଫଲତେରଛିଆ ହୋଇଯାଏ। ଲକୁ ଏକଘଣ୍ଟାରୁ ଅଧିକ ସମୟ ପାଣିରେ ଭିଜାଇ ରଖନ୍ତୁ ନାହିଁ । ଫଲକୁ ଖରାରେ ନ ଶୁଖାଇ ଛାଇରେ ଶୁଖାନ୍ତୁ। ଫଲକୁ ଅଳ୍ପ ଓଦା ଥିବା ସମୟରେ ହାଲୁକା ଇସ୍ତ୍ରୀ କରିବା ଦରକାର । ଫଲକୁ ୪ ନମ୍ବର ଛୁଞ୍ଚିରେ ହିଁ ଲଗାନ୍ତୁ । ମୋଟା ସୂତାରେ ଶାଢୀ କଣା ହୋଇଯାଏ । ଲରେ ଟାଙ୍କ ମାରିବା ପାଇଁ ପଲିଷ୍ଟର ସୂତା ବ୍ୟବହାର କରନ୍ତୁ । ଫଲସହିତ ମେଳ ଖାଉଥିବା ସୂତାରେ କେବେ ବି ଲଗାନ୍ତୁ ନାହିଁ, କାରଣ ପ୍ରାୟତଃ ଏହି ସୂତାର ରଙ୍ଗ କଞ୍ଚା ଥାଏ ଏବଂ ଏହି ସୂତା ମୋଟା ମଧ୍ୟ ହୋଇଥାଏ । ଫଲକୁ ମଜବୁତ କରିବା ପାଇଁ ମଜଭୁତ ଟାଙ୍କ ଲଗାନ୍ତୁ । ଫଲ ଲଗାଇ ସାରିବା ପରେ ଅବଶିଷ୍ଟ ସୂତାକୁ ହାତରେ ନ ଛିଡ଼ାଇ କଇଁଚିରେ କାଟନ୍ତୁ । ଗୋଟେପଟେ ଫଲରେ ଟାଙ୍କ ଲଗାଇବା ପରେ ଅନ୍ୟପଟେ ଫଲତଳେ ଟ୍ରେ ରଖି ଲଗାଇଲେ ଶୀଘ୍ର ଓ ଭଲ ଭାବେ ଲାଗେ । ଗୋଟିଏ ଥରରେ ପୂରା ଲଲଗାଇଲେ ଭଲ। ଫଲ ଲଗାଇବା ସମୟରେ ବାରମ୍ବାର ଉଠିବା ଠିକ ନୁହେଁ । ଏଥିପାଇଁ ଏକଦମଖାଲି ସମୟରେ ଫଲ ଲଗାଇବା ଉଚିତ। ଏକାଥରେ ବହୁତ ଲମ୍ବା ସୂତା ନ ନେଇ ବରଂ ଅଳ୍ପ ସୂତା ନିଅନ୍ତୁ । ତଳ ଲପାଇଁ ଦୋହରା ସୂତା ଓ ଉପର ପାଇଁ ସିଙ୍ଗଲ ସୂତା ବ୍ୟବହାର କରନ୍ତୁ । ଯଦି ଆପଣ ଫଲକୁ କୌଣସି ଦୋକାନରେ ଦେବା ଲାଗି ଭାବୁଛନ୍ତି, ତେବେ ପ୍ରଥମେ ତାକୁ ଧୋଇ ହାଲୁକା ଭାବେ ପ୍ରେସ କରିଦିଅନ୍ତୁ ।

## ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ ଓ ତା'ର ଚିକିତ୍ସା




ସାଧାରଣତଃ ଶରୀର ଯେକୌଣସି ଗଣ୍ଠିର ବିନ୍ଧା ଯନ୍ତ୍ରଣାକୁ ଗଣ୍ଠିବାତ ବା ଆର୍ଥ୍ରାଟିସ୍ କୁହାଯାଏ । ଶରୀରର ଅଙ୍ଗ ଚାଳନାରେ ଗଣ୍ଠିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଣ୍ଠିରେ ଥିବା ହାଡ଼ ଏକ ମସୃଣ ଆବରଣ ଦ୍ୱାରା ଆଚ୍ଛାଦିତ ହୋଇଥାଏ । ଯାହାକି ତରୁଣାସ୍ଥି ଭାବେ ପରିଚିତ । ଏହା ଗଣ୍ଠିର ଚଳପ୍ରଚଳ ବା ଗତିର ଆଘାତ ଶୋଷଣକାରୀ ବା ସକ୍ଆବଜର୍‌ଭାବେ କାର୍ଯ୍ୟ କରିଥାଏ । ଏହି ତରୁଣାସ୍ଥି ନଷ୍ଟ ହେବାର କାରଣ ହେଉଛି ଗଣ୍ଠିବାତର ଯନ୍ତ୍ରଣା । ଏଥିରେ ରହିଥିବା ଏକ ତରଳ ପଦାର୍ଥ ମାତ୍ରା ହ୍ରାସ ପାଇବା କାରଣରୁ ଶରୀରରେ ଗଣ୍ଠିଟି ଫୁଲିବା ସହିତ ଯନ୍ତ୍ରଣା ଆରମ୍ଭ ହୋଇଥାଏ । କେତେକ କ୍ଷେତ୍ରରେ ଗଣ୍ଠି ଟାଣ ହୋଇଯିବାର ଦେଖାଯାଇଥାଏ । ବିଭିନ୍ନ ପ୍ରକାର ଗଣ୍ଠିବାତ ଦେଖାଯାଇଥାଏ । ଯୁବକ ବୟସରୁ ପାଖାପାଖି ପଚାଶ ବର୍ଷ ପର୍ଯ୍ୟନ୍ତ ଗଣ୍ଠିବାତକୁ ର୍ୟୁମାଟାଏଡ଼ ଆର୍ଥ୍ରିଟିସ୍ ଓ ୫୦ ବର୍ଷ ବୟସ ପରେ ଅଷ୍ଟିଓ ଆର୍ଥ୍ରିଟିସ୍ ଯାହାକୁ ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ କୁହାଯାଏ ଦେଖାଯାଇଥାଏ । ଆଣ୍ଠୁ କଟି ଗଣ୍ଠି ବେଶୀ ପରିମାଣରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଦେଇଥାଏ । ସାଧାରଣତଃ ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ ଅଧିକମାତ୍ରାରେ ଦେଖାଯାଏ ।

ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ କ୍ଷେତ୍ରରେ ଗଣ୍ଠିରେ ରହିଥିବା ତରଳ ପଦାର୍ଥ କମିଯିବା ସହ ତରୁଣାସ୍ଥି ଧୀରେ ଧୀରେ ନଷ୍ଟ ହୋଇଥାଏ । ଏହାଦ୍ୱାରା ଆଣ୍ଠୁରେ ଯନ୍ତ୍ରଣା ବଢ଼ିବା ସହିତ ଫୁଲିବାର ଦେଖାଯାଇଥାଏ । ଯଦିଓ ଏହା ଧୀରେ ଧୀରେ ବଢ଼ିଥାଏ ଓ କମିଥାଏ ତେବେ ପରବର୍ତ୍ତୀ ସମୟରେ ଏହା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ । ଆଣ୍ଠୁ ଟାଣ ହେବା ସହ ବଙ୍କା ହୋଇଯିବା କେତେକ କ୍ଷେତ୍ରରେ ଦେଖାଯାଏ ଯାହାଦ୍ୱାରା ରୋଗୀଟି ସିଧାସଳଖ ଭାବେ ଚାଲିବା ସକ୍ଷମ ନହୋଇଥିବାବେଳେ ଛୋଟେଇ ଛୋଟେଇ ଚାଲିବା ସହ ବାଡ଼ି ଧରି ଚାଲିବାକୁ ବାଧ ହୋଇଥାଏ । କେବଳ ସେତିକି ନୁହେଁ ନିଜର ନିୟମିତ ନିତ୍ୟ କର୍ମ ବା ଶୌଚ କର୍ମ ପାଇଁ ଆତ୍ମୀୟ ସ୍ୱଜନଙ୍କ ସାହାଯ୍ୟ ଲୋଡ଼ିଥାଏ । ତେବେ ଆଣ୍ଠୁ ଗଣ୍ଠି ଜନିତ ସମସ୍ୟା ପାଇଁ ସଂପ୍ରତି ଆଣ୍ଠୁ ଗଣ୍ଠି ପ୍ରତିରୋପଣ ବା ଟୋଟାଲ ରିପ୍ଲେସମେଣ୍ଟ ଅସ୍ତ୍ରୋପଚାର କରାଯାଉଛି । ତେବେ ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ ବା ଅଷ୍ଟିଓ ଆର୍ଥ୍ରିଟିସ୍‌ର ପ୍ରକୃତ କାରଣ ବୟସ ଜନିତ ସମସ୍ୟାକୁ ନେଇ ସବୁକ୍ଷେତ୍ରରେ କୁହାଯାଇନପାରେ । କେତେକ କ୍ଷେତ୍ରରେ ବଂଶଗତ କାରଣକୁ ଦାୟୀ କରାଯାଇଥିବା ବେଳେ କେତେକ କ୍ଷେତ୍ରରେ ଶରୀରରେ ମେଦବୃଦ୍ଧି ପାଇ ଅତ୍ୟଧିକ ଓଜନ ବଢ଼ିବା, କୌଣସି କାରଣରୁ ପୂର୍ବରୁ ଶରୀରର ଗଣ୍ଠିରେ ଆଘାତ ଲାଗିବା କାରଣ ମଧ୍ୟ ପରବର୍ତ୍ତୀ ବାର୍ଦ୍ଧକ୍ୟ ସମୟରେ ଗଣ୍ଠିବାତ ପାଇଁ କାରଣ ହୋଇଥାଏ । ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଆମ ସମାଜରେ ଦିନକୁ ଦିନ ପରିଣତ ବୟସର ଲୋକ ବା ବାର୍ଦ୍ଧକ୍ୟ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ୧୯୪୭ ମସିହାରେ ଜଣେ ମଣିଷର ଜୀବନଧାରଣାର ସମୟ ସୀମା ୪୭ବର୍ଷ ଥିବାବେଳେ ୨୦୦୦ ମସିହାରେ ଏହା ୬୦ ବର୍ଷରେ ପହଞ୍ଚିଛି । ଜନସଂଖ୍ୟାର ଦୃଷ୍ଟିକୋଣକୁ ଦେଖିଲେ ଆମ ଦେଶରେ ୬୦ ବର୍ଷରୁ ଅଧିକ ଲୋକଙ୍କ ସଂଖ୍ୟା ହେଉଛି ୮ କୋଟିରୁ ଉର୍ଦ୍ଧ । ସେମାନଙ୍କ ମଧ୍ୟରୁ ପାଖାପାଖି ଦୁଇ ପ୍ରତିଶତ ଲୋକଙ୍କର ବାର୍ଦ୍ଧକ୍ୟଜନିତ ଆଣ୍ଠୁଗଣ୍ଠି ବାତ ସମସ୍ୟା ରହିଛି । କେତେକ କ୍ଷେତ୍ରରେ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ଦ୍ୱାରା ଏହାକୁ ଆରୋଗ୍ୟ କରାଯାଉଥିବାବେଳେ କେତେକ କ୍ଷେତ୍ରରେ ସଂପୂର୍ଣ୍ଣ ଆଣ୍ଠୁଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ଦରକାର ହୋଇଥାଏ ।

ପ୍ରାଥମିକ ସମୟରୁ ଏହି ରୋଗ ପାଇଁ ଯୋଗ, ବ୍ୟାୟାମ ଓ ଫିଜିଓଥେରାପି ଦ୍ୱାରା ଉପଶମ ମିଳିଥାଏ । ତେବେ ଯନ୍ତ୍ରଣା ନିବାରକ ଔଷଧ ବ୍ୟବହାର କରିବାକୁ ଚାହୁଁଥିଲେ ଅଭିଜ୍ଞ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗଣ୍ଠିର ତରୁଣାସ୍ଥି ଓ ସାଇନୋଭିଆଲ ଫ୍ଲୁଇଡ୍‌ର ବୃଦ୍ଧି ପାଇଁ ଡାଏସେରିନ୍, ଗ୍ଲୋକୋସାମିନ୍ ଓ କଣ୍ଡ୍ରୋଟିନ୍ ସଲଫେଟ୍ ପରି ଔଷଧ ବଜାରରେ ଉପଲବ୍ଧ ହେଉଛି । ତେବେ ଏସବୁ ବ୍ୟବହାର କ୍ଷେତ୍ରରେ ପ୍ରାଥମିକ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରି ବିଶେଷଜ୍ଞଙ୍କ ପରାମର୍ଶ ହିଁ ଜରୁରୀ । ଆଣ୍ଠୁଗଣ୍ଠି ବାତ ପାଇଁ ଗାଁ ଗହଳିରେ ତୁଟୁକା ତୁଟୁକି ଚିକିତ୍ସାକୁ ଆପଣାଇ ଯାଉଛି । ତୁଟୁକା ତୁଟୁକି ଚିକିତ୍ସା ବା ସେକ ଏସବୁ ବ୍ୟବହାର କରିବା ପୂର୍ବରୁ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଥରେ କାହାର କାନକୁହା କଥା ଶୁଣି ଆପଣ ଏହାପାଇଁ ନିଜ ହାତରେ ନିରାକରଣର ବ୍ୟବସ୍ଥା କଲେ ପରବର୍ତ୍ତୀ ସମୟ ପାଇଁ ଏହା ଯନ୍ତ୍ରଣାଦାୟକ ଓ ବିପଦଜନକ ହୋଇପାରେ । ସରକାରଙ୍କ ଜିଲ୍ଲା ସଦରମହକୁମା ଠାରୁ ସିଟି ହସ୍‌ପିଟାଲ ଓ ରାଜ୍ୟର ସର୍ବବୃହତ୍ତ ଚିକିତ୍ସା ପ୍ରତିଷ୍ଠାନରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଏହାର ପରୀକ୍ଷା ନିରୀକ୍ଷା ଓ ନିଦାନ ସହ ନିରାକରଣ ପାଇଁ ପ୍ରସ୍ତୁତ ଅଛନ୍ତି । ସେମାନଙ୍କର ପରାମର୍ଶ ନିଅନ୍ତୁ । ପ୍ରତିଦିନ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଭଲ ରୁଟିନ୍‌ଟିଏ ତିଆରି କରନ୍ତୁ । ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ ଖୁବ୍ ଭଲ । ଯୋଗ, ପ୍ରାଣାୟାମ ଠାରୁ କିଛିବାଟ ଚଲାବୁଲାରେ ନିଜ ସକାଳ ସମୟର ରୁଟିନ୍ ରଖନ୍ତୁ । ସୁଷମ ଖାଦ୍ୟ, ଫଳ, ଶାଗ ଓ କ୍ୟାଲସିୟମ ଜାତୀୟ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ । ବେଶୀ ସମୟ ଗୋଟିଏ ସ୍ଥାନରେ ବସି ନରହି ଟିକିଏ ଚଲାବୁଲା କରନ୍ତୁ । ବିଶ୍ରାମ ପାଇଁ ନିର୍ଦ୍ଧାରିତ ସମୟ ରଖନ୍ତୁ । ନିଦ ବଟିକା ଠାରୁ ଯେ କୌଣସି ନିଶା ସେବନକୁ ନିଜ ଜୀବନରୁ ଦୂରେଇ ଦିଅନ୍ତୁ । ଈଶ୍ୱରଙ୍କ ନାମ ସ୍ମରଣ ସହ ଭଗବତ୍ ବିଶ୍ୱାସ ସବୁଠାରୁ ଆପଣଙ୍କ ପାଇଁ ଭଲ ସାଧନା। ଦେଖିବେ ଆପଣଙ୍କ ପାଇଁ ଗଣ୍ଠିବାତ ଯନ୍ତ୍ରଣାଦାୟକ ହେବନାହିଁ ।

## ବିଦ୍ୟା ଶିକ୍ଷାର ଦୁଇ ରାସ୍ତା



ରୈଭ ଋଷିଙ୍କ ଆଶ୍ରମ । ବୈଶାଖ ମାସର ସମୟ । ଗ୍ରୀଷ୍ମଋତୁରେ ଫୁଟୁଥିବା ଫୁଲମାନଙ୍କ ସମ୍ଭାରରେ ସୁସଜ୍ଜିତ ଦିଶୁଛି ଚଉଦିଗ । ରୈଭ ଋଷିଙ୍କ ବୋହୂ ତଥା ପରାବସୁଙ୍କ ପତ୍ନୀ ଆଶ୍ରମ ଉଦ୍ୟାନରେ ମନ ଖୁସିରେ ଏକୁଟିଆ ବୁଲୁଥାନ୍ତି । ପରାବସୁଙ୍କ ପତ୍ନୀ ଅପସରାଙ୍କ ପରି ଅତ୍ୟନ୍ତ ସୁନ୍ଦରୀ । ସେତିକିବେଳେ ସେଇ ଉଦ୍ୟାନରେ ଭରଦ୍ୱାଜ ଋଷିଙ୍କ ପୁଅ ଯବକ୍ରୀତ ଯାଇ ପହଞ୍ଚିଲେ । ପରାବସୁଙ୍କ ସୁନ୍ଦରୀ ପତ୍ନୀଙ୍କୁ ଏକୁଟିଆ ଦେଖି ଯୁବକ ଯବକ୍ରୀତଙ୍କ ମନରେ କାମ ଭାବ ଉଦ୍ରେକ ହେଲା । ନିଜକୁ ସଂଯମ କରିବାକୁ ଚେଷ୍ଟା କରି ଅସଫଳ ହେଲାପରେ ଯବକ୍ରୀତ ନିଜର ସମସ୍ତ ସଂଯମତା ଓ ବିବେକ ହରାଇ ପରାବସୁଙ୍କ ପତ୍ନୀଙ୍କୁ ଆଶ୍ରମର ଏକ ନିରୋଳା ସ୍ଥାନକୁ ନେଇ ଜୋର ଜବରଦସ୍ତି ଦୁଷ୍କର୍ମ କଲେ ।

କିଛି ସମୟ ପରେ ରୈଭ୍ୟ ମୁନି ତାଙ୍କ ଆଶ୍ରମକୁ ଫେରି ଆସିଲେ। ଆସି ଦେଖିଲେ ବୋହୂ ତାଙ୍କର ଅଧୈର୍ଯ୍ୟ ହୋଇ କାନ୍ଦୁଛନ୍ତି । ବୋହୂକୁ ବୁଝାଇ ସୁଝାଇ ରୈଭ୍ୟ କାନ୍ଦିବାର କାରଣ ପଚାରିଲେ । କାନ୍ଦି କାନ୍ଦି ବୋହୂ ତାଙ୍କର ଯବକ୍ରୀତଙ୍କ ଅପକର୍ମ ଓ ତାଙ୍କ ସତୀତ୍ୱ ହରଣ କଥା କହିଲେ । ଏ କଥା ଶୁଣି ରୈଭ୍ୟ ମୁନି ଅତ୍ୟନ୍ତ କ୍ରୋଧରେ ତାଙ୍କ ମୁଣ୍ଡର ବାଳ ଗୋଟେ ଛିଡାଇଲେ ଓ ଜଳୁଥିବା ହୋମ କୁଣ୍ଡରେ ପକାଇଲେ । ତତକ୍ଷଣାତ୍ ସେ ହୋମ କୁଣ୍ଡରୁ ଦିବ୍ୟ ସୁନ୍ଦରୀ ନାରୀଟିଏ ଜନ୍ମ ନେଲା । ରୈଭ୍ୟ ଆଉ ଏକ ବାଳ ମୁଣ୍ଡରୁ ଛିଡାଇ ହୋମ କୁଣ୍ଡରେ ନିକ୍ଷେପ କରିବାରୁ କୁଣ୍ଡରୁ ଏକ ଭୟଙ୍କର ରାକ୍ଷସ ବି ଜନ୍ମ ନେଲା । ଋଷି ସେ ଦୁହିଁଙ୍କୁ ଆଦେଶ ଦେଲେ ଯେ ଯାଅ ସେ ମହାପାପୀ ଯବକ୍ରୀତକୁ ବିନାଶ କର । ଯବକ୍ରୀତ ଉପାସନା କରୁଥାନ୍ତି । ପ୍ରଥମେ ତାଙ୍କ ପାଖରେ ରୈଭ୍ୟଙ୍କ ଯଜ୍ଞ କୁଣ୍ଡରୁ ଉତ୍ପନ୍ନ ସୁନ୍ଦରୀ ଯୁବତୀ ଜଣକ ଆସି ପହଞ୍ଚିଲା । ଯବକ୍ରୀତଙ୍କୁ ମୋହିତ କରିବା କିଛି ବଡ କଥା ନଥିଲା। ସେଇ ସୁଯୋଗରେ ସୁନ୍ଦରୀ ଯୁବତୀ ଜଣକ ଯବକ୍ରୀତଙ୍କ ମନ୍ତ୍ର ଜଳ ଥିବା କମଣ୍ଡଳକୁ ହରଣ କରିନେଲା । ତାପରେ ଅଳ୍ପ ଦୂରରେ ଗଛ ପଛରେ ଲୁଚିଥିବା ସେ ବିକଟ ରାକ୍ଷସ ପ୍ରକଟ ହେଲା ଓ ଯବକ୍ରୀତଙ୍କୁ ହତ୍ୟା କରିବାକୁ ତା' ତ୍ରିଶୂଳ ଧରି ଗୋଡେଇଲା । ଯବକ୍ରୀତ ଜାଣିଥିଲେ ମନ୍ତ୍ର ଜଳରେ ସ୍ନାନ କଲେ ଯାଇଁ ସେ ଏ ଭୟଙ୍କର ରାକ୍ଷସ କବଳରୁ ରକ୍ଷା ପାଇବେ । ମାତ୍ର ମନ୍ତ୍ର ଜଳ ଥିବା କମଣ୍ଡଳୁକୁ ଖୋଜିବାରୁ ପାଖରେ କମଣ୍ଡଳୁ ଆଉ ନାହିଁ । ଯବକ୍ରୀତ ସ୍ନାନ ପାଇଁ ପାଖରେ ଥିବା ପୁଷ୍କରିଣୀ ପାଖକୁ ଧାଇଁଲେ । ଯବକ୍ରୀତ ପୁଷ୍କରିଣୀରେ ସ୍ନାନ କ'ଣ କରିବେ ସେ ପହଞ୍ଚିଲା ବେଳକୁ ପୁଷ୍କରିଣୀ ତାଙ୍କ ଆସିବା ଦେଖି ସମ୍ପୂର୍ଣ୍ଣ ଶୁଖିଲା ହୋଇଗଲା। ଯବକ୍ରୀତ କିଛି ବୁଝିନପାରି ନଦୀ ଦିଗରେ ଧାଇଁଲେ। ସେଠିବି ସେଇ ଏକା ଘଟଣା ଘଟିଲା । ଯବକ୍ରୀତ ନଦୀ ଶଯ୍ୟାରେ ପାଦ ଦେଉ ଦେଉ ନଦୀ ବି ଶୁଖି ଗଲା । ଯବକ୍ରୀତ ଭୟ ପାଇଗଲେ । ସେ ପୁଣି ଧାଇଁଲେ । ଭାବିଲେ ତାଙ୍କ ପିତାଙ୍କ ଯଜ୍ଞଶାଳରେ ଆଶ୍ରୟ ନେବେ । ଯବକ୍ରୀତ ପ୍ରାଣ ଭୟରେ ଆଗେ ଆଗେ ଧାଉଁଥାନ୍ତି ଓ ପଛେ ପଛେ ସେ ଭୟଙ୍କର ଦାନବ ତ୍ରୀଶୂଳ ଉଠେଇ ଧାଉଁଥାଏ ।

ଯବକ୍ରୀତ ତାଙ୍କ ପିତାଙ୍କ ଯଜ୍ଞଶାଳରେ ପହଞ୍ଚିଲା ବେଳକୁ ସେଠାରେ ଜଣେ ଅନ୍ଧ ଦ୍ୱାରପାଳ ଥାଏ । ସେ ଅଶୌଚ ଥିବା ଯବକ୍ରୀତକୁ ଯଜ୍ଞଶାଳରେ ପ୍ରବେଶ କରେଇ ଦେଲାନି । ଅସହାୟ ହୋଇ ଯବକ୍ରୀତ ସେଇ ଯଜ୍ଞଶାଳ ଦ୍ୱାର ଦେଶରେ ଛିଡା ହୋଇ ରହିଲେ ଓ ରୈଭ୍ୟଙ୍କ ଯଜ୍ଞ କୁଣ୍ଡରୁ ଉତ୍ପନ୍ନ ରାକ୍ଷସ ତ୍ରିଶୂଳରେ ତାଙ୍କ ବକ୍ଷ ବିଦ୍ଧ କରି ତାଙ୍କୁ ହତ୍ୟା କଲା ।

ଭରଦ୍ୱାଜ ଋଷି ତାଙ୍କ ନିତ୍ୟକର୍ମ ସାରି ସମିଧ ସଂଗ୍ରହ କରି ଆଶ୍ରମ ଫେରି ଯଜ୍ଞରେ ବସିଲେ । କିନ୍ତୁ ତାଙ୍କୁ ଆଶ୍ଚର୍ଯ୍ୟ କରି ସେଦିନ ଯଜ୍ଞ କୁଣ୍ଡରେ ଅଗ୍ନି ନିଜର ଶିଖା ଉଠେଇ ପ୍ରଜ୍ୱଳିତ ହେଲେନି । ଋଷି ଜାଣିନଥିଲେ ପୁତ୍ର ମରଣ ପାଇଁ ସେ ଅଶୌଚ ହୋଇଯାଇଛନ୍ତି । ଋଷି ତାଙ୍କ ଅନ୍ଧ ଦ୍ୱାରପାଳକୁ ତା'ର କାରଣ ପଚାରିଲେ । ପଚାରିଲେ କ'ଣ ହେଇଛି? ଆଶ୍ରମରେ ସବୁ ମଙ୍ଗଳ ତ? ପୁଅ ମୋର କୁଆଡେ ଯାଇଛି? ରୈଭଙ୍କ ଆଶ୍ରମ ଦିଗରେ ସେ ଯାଇନାହିଁ ତ? କାହିଁକି ଆଜି ଅଗ୍ନି ଏତେ ତେଜ ହୀନ?

ଅନ୍ଧ ଦ୍ୱାରପାଳ କହିଲା, ହଁ କେହିଜଣେ ଅଶୌଚ ବ୍ୟକ୍ତି ଯଜ୍ଞସ୍ଥଳକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲା ମୁଁ କିନ୍ତୁ ତାଙ୍କୁ ଅଟକାଇ ଦେଇଛି । ଭରଦ୍ୱାଜ ଋଷି ବାହାରକୁ ଆସି ଦେଖିଲେ ପ୍ରିୟ ପୁତ୍ର ତାଙ୍କର ରକ୍ତ ଜୁଡୁବୁଡୁ ହୋଇ ଆଶ୍ରମ ଦ୍ୱାରରେ ମରି ପଡିଛି । ଭରଦ୍ୱାଜ ଯବକ୍ରୀତଙ୍କ ମୃତ୍ୟୁର କାରଣ ଖୁବଶୀଘ୍ର ଜାଣିଲେ ଓ ମଲା ପୁଅର ଶବ ପାଖରେ ବସି ବିଳାପ କରିବାକୁ ଲାଗିଲେ । ଋଷି କାନ୍ଦି କାନ୍ଦି କହୁଥାନ୍ତି ତପସ୍ୟାରେ ଦେବତାଙ୍କୁ ସନ୍ତୁଷ୍ଟ କରି ବିନା ଅଧ୍ୟୟନରେ ବେଦରେ ପାଣ୍ଡିତ୍ୟ ଲାଭ କଲୁ । ତୋତେ କେତେ କରି କହିଥିଲି ଏ ରାସ୍ତା ଠିକ ନୁହେଁ । ଦେବତାଙ୍କ ବରଦାନରେ ସହଜରେ ମିଳିଥିବା ଜ୍ଞାନ ପାଇଁ ମନରେ ଗର୍ବ ଅଭିମାନ କରନି କହିଥିଲି । ପୁଣି କେତେ କରି ବୁଝାଇଥିଲି ରୈଭ ମୁନିଙ୍କ ଆଶ୍ରମକୁ ଯିବୁନାହିଁ। ତୁ ମୋର କୌଣସି କଥାକୁ କାନ ଦେଲୁନି। ତୁ ତ ମୋର ଗୋଟେ ମାତ୍ର ପୁଅ ଥିଲୁ। ଏବେ ଏ ବୁଢା ବୟସରେ ମୋତେ ପୁତ୍ର ଶୋକରେ ଜୀବନ ବଂଚିବାକୁ ପଡିବ । ରୈଭ ମୋର ବନ୍ଧୁ ହୋଇ ଏତିକି କଥା ବୁଝିପାରିଲେନି । କ୍ରୋଧରେ ତୋତେ ହତ୍ୟା କଲେ । ମୋର ଆଉ ବଞ୍ଚିକରି ଲାଭ ନାହିଁ । ମରିବା ଆଗରୁ ମୁଁ ଅଭିଶାପ ଦେଉଛି ତୋତେ ହତ୍ୟା କରିଥିବା ସେ ରୈଭଙ୍କର ବିନା କାରଣରେ ତାଙ୍କ ନିଜ ପୁଅ ହାତରେ ନିଶ୍ଚୟ ନିଧନ ହେବ ।

ତାପରେ ପ୍ରକୃତିସ୍ଥ ହୋଇ ବନ୍ଧୁ ରୈଭଙ୍କୁ ଅଭିଶାପ ଦେଇଥିବାରୁ ଭରଦ୍ୱାଜ ମୁନି ଆହୁରି ଦୁଃଖି ହୋଇଗଲେ । ଜୀବନ ଅର୍ଥହୀନ ଲାଗିଲା । ଭରଦ୍ୱାଜ ମୁନି ତାପରେ ତାଙ୍କ ପୁଅର କୃତକର୍ମ ସମ୍ପନ୍ନ କରି ନିଜେ ଅଗ୍ନିରେ ପ୍ରବେଶ କରି ପ୍ରାଣ ତ୍ୟାଗ କଲେ ।

କିଛିଦିନ ପରେ ରୈଭ ଋଷିଙ୍କର ବୃହଦଦ୍ୟୁମ୍ନ ନାମରେ ଜଣେ ଯଜମାନ ଗୋଟେ ବିଶାଳ ଯଜ୍ଞର ଆୟୋଜନ କରୁଥିଲେ । ବୃହଦଦ୍ୟୁମ୍ନ ରାଜା ରୈଭଙ୍କର ଦୁଇ ପୁଅ ଅର୍ବାବସୁ ଓ ପରାବସୁଙ୍କୁ ସେଇ ଯଜ୍ଞ ଅନୁଷ୍ଠାନ ନିର୍ବାହ କରିବାକୁ ବରଣ କରିଥାନ୍ତି। ଦୁଇ ଭାଇ ଯାଇ ଯଜ୍ଞ ଆରମ୍ଭ କଲେ । ଦିନେ ରାତିରେ ପରାବସୁ ଆପଣା ପତ୍ନୀ କଥା ମନେ ପକାଇ କାମନାରେ ପୀଡିତ ହେଲେ । ପତ୍ନୀଙ୍କ ସହ ମିଳିତ ହେବାର ଉଦ୍ଦେଶ୍ୟରେ ରାତିର ଅନ୍ଧାରରେ ଆଶ୍ରମକୁ ଫେରି ଆସିଲେ । ଆଶ୍ରମ ବାହରେ ତାଙ୍କ ପିତା ରୈଭ ମୁନି ମୃଗ ଚମଡା ପିନ୍ଧି ଶୋଇଥାନ୍ତି । ପରାବସୁଙ୍କୁ ଅନ୍ଧାରରେ ଲାଗିଲା କୌଣସି ହିଂସ୍ର ପଶୁ ଗୋଟେ ଶୋଇଛି । ସେ ବର୍ଚ୍ଛା ମାରି ପଶୁକୁ ହତ୍ୟା କଲେ । ତାପରେ ସେ କେତେବଡ ପାପ କଲେ ବୁଝିଲା ବେଳକୁ ରୈଭ ମୁନି ମରିସାରିଥିଲେ । ଭରଦ୍ୱାଜଙ୍କ ଅଭିଶାପ ଫଳିସାରିଥିଲା ।

ପରାବସୁ ତୁରନ୍ତ ରାଜାଙ୍କ ଯଜ୍ଞ ସ୍ଥଳକୁ ଫେରି ଆସିଲେ ଓ ସାନଭାଇ ଅର୍ବାବସୁଙ୍କୁ କହିଲେ ମୁଁ ଏକା ସାଙ୍ଗରେ ବ୍ରହ୍ମ ହତ୍ୟା ଓ ପିତୃ ହତ୍ୟା କରିଛି। ସେଥିପାଇଁ ପ୍ରାୟଶ୍ଚିତ କରିବାକୁ ପଡିବ । ତୁମେ ଏକା ଏତେ ବଡ ଯଜ୍ଞ ସଂପନ୍ନ କରିପାରିବନି । ତୁମେ ମୋ ବଦଳରେ ଯାଇ ପ୍ରାୟଶ୍ଚିତ କର । ରାଜାଙ୍କ ଯଜ୍ଞରେ କୌଣସି ବାଧା ଯେପରି ନଆସେ । ମୁଁ ସେକଥା ବୁଝୁଛି । ବଡ ଭାଇଙ୍କ କଥା ମାନି ଅର୍ବାବସୁ ବଡଭାଇ କରିଥିବା ପାପର ପ୍ରାୟଶ୍ଚିତ କରିବାକୁ ସେଠୁ ବାହାରିଗଲେ ।

ଅନେକ ତୀର୍ଥ ଭ୍ରମଣ କରି ପବିତ୍ର ସ୍ନାନ କରି ଅର୍ବାବସୁ ବ୍ରହ୍ମଚର୍ଯ୍ୟ ଓ ସଂଯମତା ଆଚରଣ କରି ପ୍ରାୟଶ୍ଚିତ କର୍ମ ସବୁ ସଂପନ୍ନ କଲେ। ତାପରେ ସେ ଯଜ୍ଞ ସ୍ଥଳକୁ ଫେରି ଆସିଲେ । ଅର୍ବାବସୁଙ୍କୁ ଫେରି ଆସୁଥିବାର ଦେଖି ପରାବସୁ ଖୁସିହେବେ କଣ ଓଲଟି ରାଜାଙ୍କୁ ମିଛରେ କହିଲେ "ହେ ରାଜା ଏ ଯେଉଁ ମୋ ସାନଭାଇ ଅର୍ବାବସୁ ଏଇ ଦିଗରେ ଆସୁଛି ତାକୁ ଅଟକାନ୍ତୁ । ସେ ଉଭୟ ବ୍ରହ୍ମ ହତ୍ୟା ଓ ପିତୃ ହତ୍ୟା ଦୋଷରେ ଦୋଷୀ । ଯଜ୍ଞ ସ୍ଥଳରେ ତା'ର ଛାଇ ପଡିଲେ ଯଜ୍ଞ ମାରା ହେବ।"

ଅର୍ବାବସୁ ବୁଝୁଥିଲେ ଭାଇ ତାଙ୍କର ଈର୍ଷା ପରାୟଣ ହୋଇ ଏପରି ନିର୍ବୋଧ ବ୍ୟବହାର କରୁଛନ୍ତି । ସେ ରାଜାଙ୍କୁ ସତ କଥା କହିବାକୁ ଚେଷ୍ଟା କଲେ। କିନ୍ତୁ ତାଙ୍କ କଥା କେହି ଶୁଣିଲେନି । ଦ୍ୱାରପାଳ ଓ ପ୍ରହରୀମାନେ ତାଙ୍କୁ ଯଜ୍ଞ ସ୍ଥଳରୁ ତଡିଦେଲେ ।

ଦୁଃଖ ଓ କ୍ଷୋଭର ସହ ଅର୍ବାବସୁ ଜଙ୍ଗଲକୁ ଚାଲିଆସି ତପସ୍ୟା କରିବାକୁ ଲାଗିଲେ। ତାଙ୍କ କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବତାମାନେ ଆସି ତାଙ୍କ ପାଖରେ ପହଞ୍ଚି ବର ଯାଚିଲେ । ଅନେକ ଦିନ ଧରି ତପ ଆଚରଣ ପରେ ଅର୍ବାବସୁଙ୍କ ମନରେ ତାଙ୍କ ବଡ ଭାଇଙ୍କ ପ୍ରତି ଆଉ କିଛି କ୍ଷୋଭ ନଥିଲା । ନିଜ ପାଇଁ କିଛିବି ନମାଗି ସେ ଦେବତାମାନଙ୍କୁ ପ୍ରାର୍ଥନା କଲେକି ମୃତ୍ୟୁବରଣ କରିଥିବା ଯବକ୍ରୀତ, ଋଷି ଭରଦ୍ୱାଜ ଓ ରୈଭ ମୁନି ଜୀବନ୍ୟାସ ପାଆନ୍ତୁ । ତାଙ୍କ ବଡ ଭାଇ ବ୍ରହ୍ମ ହତ୍ୟା ଓ ପିତୃ ହତ୍ୟା ଦୋଷରେ ଦୋଷୀ ହୋଇ ଯେଉଁ ପାପ କରିଛନ୍ତି ସେଥିରୁ ତାଙ୍କୁ ମୁକ୍ତି ମିଳୁ । ଦେବତାମାନେ ଅର୍ବାବସୁଙ୍କ ଅନୁରୋଧ ରକ୍ଷା କରି ବର ପ୍ରଦାନ କଲେ ।

ଯବକ୍ରୀତ ଜୀବନ୍ୟାସ ପାଇଲାପରେ ଦେବତାମାନଙ୍କୁ ପ୍ରଶ୍ନ କଲେ ମୁଁ ଜଣେ ବେଦଜ୍ଞ ହୋଇଥିଲେବି ରୈଭ ମୁନିଙ୍କ ଅଭିଶାପରେ କେମିତି ମୃତ୍ୟୁ ଲଭିଲି? ଦେବତାମାନେ କହିଲେ ତୁମେ ଅତି ସହଜ ରାସ୍ତାରେ ବିନା ଗୁରୁରେ ବେଦଜ୍ଞାନ ପ୍ରାପ୍ତ ହୋଇଛ । କିନ୍ତୁ ରୈଭ ଅନେକ କଷ୍ଟ ସହି, ଅନେକ ବର୍ଷ ବ୍ୟୟ କରି, ବିଭିନ୍ନ କ୍ଲେଶ ସହ୍ୟ କରି ଗୁରୁଙ୍କ ପରିଚର୍ଯ୍ୟାରେ ବେଦ ଅଧ୍ୟୟନ କରିଛନ୍ତି। ତେଣୁ ତୁମ ଦୁହିଁଙ୍କ ଭିତରେ ବହୁତ ଫରକ ରହିଛି । ଏ କାହାଣୀ କହିସାରିଲା ପରେ ଲୋମଶ ମହର୍ଷି ଓ ପାଣ୍ଡବ ପରିବାର କନଖଳ ପର୍ବତ ଆରୋହଣ କଲେ ଓ ପବିତ୍ର ଗଙ୍ଗା ନଦୀରେ ସ୍ନାନ କରି ଅନ୍ୟ ଏକ ତୀର୍ଥ ଉଦ୍ଦେଶ୍ୟରେ ବାହାରିଲେ।



# ଦକ୍ଷିଣ ଆଫ୍ରିକାକୁ ୧୫ ରନରେ ପରାସ୍ତ କଲା ଭାରତୀୟ ମହିଳା ଦଳ



**କଲମ୍ବୋ**

କଲମ୍ବୋରେ ଖେଳାଯାଇଥିବା ଏକ ରୋମାଞ୍ଚକର ମୁକାବିଲାରେ ଭାରତୀୟ ମହିଳା ଦଳ ୧୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ତ୍ରିରାଷ୍ଟ୍ରୀୟ ଦିନିକିଆ ଶୃଙ୍ଖଳାରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି । ଏହି ବିଜୟ ସହ ଭାରତ ନିଜର ବିଜୟ ଧାରା ୮ଟି ମ୍ୟାଚକୁ ବୃଦ୍ଧି କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ୬ ଓ୍ୱିକେଟ ହରାଇ ୨୭୬ ରନ୍ କରିଥିଲା ।

ଜବାବରେ ଦକ୍ଷିଣ ଆଫ୍ରିକା ଭଲ ପ୍ରଦର୍ଶନ କରିଥିବା ବେଳେ ୨୬୧ ରନରେ ଅଲ୍ ଆଉଟ୍ ହୋଇଥିଲା । ଭାରତର ଚମତ୍କାର ପ୍ରଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିବା ସହ ନିଜର ଅପରାଜେୟ ଧାରାକୁ ବଜାୟ ରଖିବା ସହ ତ୍ରିକୋଣୀୟ ଶୃଙ୍ଖଳାରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି ।

# କେକେଆର ଠାରୁ ୧୪ ରନରେ ହାରିଲା ଦିଲ୍ଲୀ

**ନୂଆଦିଲ୍ଲୀ**

ଆଇପିଏଲର ୪୮ତମ ମୁକାବିଲାରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ଦିଲ୍ଲୀ କ୍ୟାପଟାଲ୍ । ଫଳରେ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା କୋଲକାତା ନାଇଟ୍ ରାଇଡର୍ସ । ଦୁଇ ଓପନର ସୁନିଲ୍ ନାରିନ୍ ଓ ରହମନୁଲ୍ଲା ଗୁରବାଜ୍ ପ୍ରଥମରୁ ଦିଲ୍ଲୀ ବୋଲରଙ୍କ ଉପରେ ପ୍ରହାର କରିଥିଲେ । ହେଲେ ଦ୍ୱିତୀୟ ଓଭରରେ ୪୮ ସ୍କୋରରେ କେକେଆରକୁ ଲାଗିଥିଲା ପ୍ରଥମ ଝଟ୍କା । ରହମନୁଲ୍ଲା ଗୁରବାଜ୍ ୧୨ ବଲରେ ମାତ୍ର ୨୬ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ ମୋର୍ଚ୍ଚା ସମ୍ଭାଳି ନେଇଥିଲେ ଅଧିନାୟକ ଅଜିଙ୍କ୍ୟ ରାହାଣେ । ହେଲେ ସୁନିଲ୍ ନାରିନ୍ ମାତ୍ର ୨୭ ରନ୍ କରି ପାଭିଲିୟନକୁ ଫେରିଥିଲେ । ୮୫ ରନରେ କେକେଆରର ଦ୍ୱିତୀୟ ବିପର୍ଯ୍ୟୟ ଘଟିଥିଲା । ଏହାପରେ ଅଷ୍ଟମ ଓଭରରେ ୨୬ ରନ୍ କରି ଅକ୍ଷର ପଟେଲଙ୍କ ଶିକାର ହୋଇଥିଲେ ରାହାଣେ । ୧୦ ଓଭର ବେଳକୁ କୋଲକାତାର ୧୧୭ ରନରେ ୪ ୱିକେଟ୍ ପଡ଼ି ସାରିଥିଲା । ପରେ ମୋର୍ଚ୍ଚା ସମ୍ଭାଳିଥିଲେ ରିଙ୍କୁ ସିଂହ ଓ ଅଙ୍ଗ୍‌କ୍ରିସ ରଘୁବଂଶୀ । ଦୁହେଁ ୬୧ ରନ୍‌ର ଭାଗିଦାରୀ ଇନିଂସ ଖେଳିଥିଲେ । ରଘୁବଂଶୀ ୪୪ ରନ୍ ଓ ରିଙ୍କୁ ସିଂହ ୩୬ ରନ ସଂଗ୍ରହ କରି ଦଳୀୟ ସ୍କୋରରୁ କୋଡିଏ ଓଭରରେ ୨୦୪ ରନରେ ପହଞ୍ଚାଇଥିଲେ ।



ଏହାପରେ ଦିଲ୍ଲୀ କ୍ୟାପିଟାଲ୍ସ ଏହି ମ୍ୟାଚ୍ ଜିତିବାକୁ ୨୦୫ ରନର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା । ଦିଲ୍ଲୀ କ୍ୟାପିଟାଲ୍ସ ୯ ଓ୍ୱିକେଟ ହରାଇ ୧୯୦ ରନ୍ କରିବାକୁ ସକ୍ଷମ ହୋଇଥିଲା । ଫଳରେ କେକେଆର ୧୪ ରନରେ ବିଜୟୀ ହୋଇଥିଲା ।

# ପଦକ ବିଜେତା ୨ ଜିମ୍ନାଷ୍ଟଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜୁନିୟର ଜିମ୍ନାଷ୍ଟିକ୍ ଜାତୀୟ ଚାମ୍ପିୟନସିପରେ କାଂସ୍ୟ ପଦକ ଜିତିଥିବା ଓଡ଼ିଶାର ଦୁଇ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଜୁନିୟର ଜିମ୍ନାଷ୍ଟିକ୍ ଜାତୀୟ ଚାମ୍ପିୟନସିପ୍ ୨୦୨୫-୨୬ ରେ ଓଡ଼ିଶାର ଆଜାଦ ଲସ୍କର ସ୍କିଲ୍ ଟେଷ୍ଟ ଏବଂ ହରିୱାଣ୍ଟାଲ୍ ବାର୍ ଇଭେଣ୍ଟରେ ୨ଟି କାଂସ୍ୟ ପଦକ ଓ ବିରୁ ଚନ୍ଦ୍ର ରାଓ ଭଲ୍ଟ ଇଭେଣ୍ଟରେ କାଂସ୍ୟ ପଦକ ଜିତି ଓଡ଼ିଶାକୁ ଜାତୀୟ ସ୍ତରରେ ଗୌରବାନ୍ୱିତ କରିଛନ୍ତି । ସେମାନଙ୍କର ଅଣଶ୍ୱସନୀୟ କୌଶଳ, ପରିଶ୍ରମ, କ୍ରୀଡ଼ା ପ୍ରତି ସମର୍ପଣ ଓ ସଫଳତା ଭବିଷ୍ୟତ ପିଢ଼ିକୁ ପାଇଁ ପ୍ରେରଣା ସାଜିବ । ଉଭୟ ଯୁବ ପ୍ରତିଭାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ୨୦୨୮ରେ ୭୪ରୁ ୯୪କୁ ବଢ଼ିପାରେ ଆଇପିଏଲ ମ୍ୟାଚ୍ ସଂଖ୍ୟା !

**ନୂଆଦିଲ୍ଲୀ**




ଆଇପିଏଲ୍ ୨୦୨୫ରେ ମୋଟ୍ ୭୪ଟି ମ୍ୟାଚ୍ ଖେଳାଯାଉଛି । ୨୦୨୬ ଓ ୨୦୨୭ରେ ଆଇପିଏଲ୍‌ରେ ମଧ୍ୟ ସେହି ସମାନ ସଂଖ୍ୟକ ମ୍ୟାଚ୍ ଖେଳାଯିବ । କିନ୍ତୁ ୨୦୨୮ରେ ଆଇପିଏଲ୍ ମ୍ୟାଚ୍ ସଂଖ୍ୟା ବଢ଼ିବାର ଆଶା ରହିଛି । ବିସିସିଆଇ ଆଇପିଏଲ୍ ମ୍ୟାଚ୍ ସଂଖ୍ୟା ବଢ଼ାଇବା ଉପରେ ଗମ୍ଭୀରତାର ସହ ବିଚାର କରୁଛି । ଏହି ସଂଖ୍ୟା ୭୪ରୁ ୯୪କୁ ବୃଦ୍ଧି ହୋଇପାରେ । ତେବେ କୌଣସି ନୂଆ ଟିମ୍ କିମ୍ବା ଫ୍ରାଞ୍ଚାଇଜ ଆଇପିଏଲ୍‌ରେ ସାମିଲ ହେବ କି ନାହିଁ ତାହା ଜଣା ପଡ଼ିନି ।

୨୦୨୨ରୁ ଆଇପିଏଲ୍‌ରେ ୭୪ଟି ମ୍ୟାଚ୍ ଖେଳାଯାଉଛି । ଏଥିରେ ପ୍ରତ୍ୟେକ ଫ୍ରାଞ୍ଚାଇଜ ସାତୋଟି ମ୍ୟାଚ୍ ନିଜ ଘରୋଇ ପଡ଼ିଆ ଏବଂ ବାକି ସାତୋଟି ମ୍ୟାଚ୍ ବାହାରେ ଖେଳୁଛନ୍ତି । କିନ୍ତୁ ୨୦୨୮ରେ ୯ଟି ଲେଖାଏଁ ମ୍ୟାଚ୍ ଘରେ ଓ ବାହାରେ ଖେଳିବାର ନିୟମ ହୋଇପାରେ । ଗୁଜରାଟ ଟାଇଟନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୦୨୨ରୁ ଖେଳିବା ଆରମ୍ଭ କରିଛନ୍ତି । ପ୍ରଥମେ ୨୦୨୫ ସିଜିନରୁ ମ୍ୟାଚ୍ ସଂଖ୍ୟା ୮୪ କରାଯିବାର ଯୋଜନା ଥିଲା । ମାତ୍ର ଅନ୍ତର୍ଜାତୀୟ କ୍ୟାଲେଣ୍ଡରକୁ ଦୃଷ୍ଟିରେ ରଖି ଆଇପିଏଲ୍‌କୁ ସୀମିତ ରଖାଯାଇଛି ।

ଆଇସିସିର ଫ୍ୟୁଚର ଟୁର୍ ପ୍ରୋଗ୍ରାମରେ ଆଇପିଏଲ୍‌ର ୱିଣ୍ଡୋକୁ ଆଗାମୀ ଦୁଇ ବର୍ଷ ପାଇଁ ଧାର୍ଯ୍ୟ କରା ହୋଇ ସାରିଛି । ସାଧାରଣତଃ ଆଇପିଏଲ୍ ମାର୍ଚ୍ଚ ମଧ୍ୟ ଭାଗରୁ ଆରମ୍ଭ ହୋଇ ମେ' ମାସ ଶେଷ ପର୍ଯ୍ୟନ୍ତ ଚାଲେ । ହେଲେ ଆଇପିଏଲ୍ ଚେୟାରମ୍ୟାନ ଅରୁଣ ଧୂମଲ କହିଛନ୍ତି, ବିସିସିଆଇ ଗାଗାମୀ ମିଡିଆ ରାଇଟ୍ସ ସାଇକିଲ ପାଇଁ ୯୪ ଟି ମ୍ୟାଚ୍ ଉପରେ ଗମ୍ଭୀରତାର ସହ ବିଚାର କରିବ । ସବୁ କିଛି ଯୋଜନା ମୁତାବକ ଚାଲିଲେ ୨୦୨୮ରେ ଏହା ଆରମ୍ଭ ହେବ । ଧୂମଲ କହିଛନ୍ତି, ଆମେ ଏହି ବିଷୟରେ ଆଇସିସି ସହ ଆଲୋଚନା କରୁଛୁ । ବିସିସିଆଇ ସହ ବି ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉଛି । ଦ୍ୱିପାକ୍ଷିକ ସିରିଜ୍ ଓ ଆଇସିସି ଆୟୋଜନ ସମ୍ବନ୍ଧରେ, ଫ୍ରାଞ୍ଚାଇଜ କ୍ରିକେଟ୍ ଓ ଟି-୨୦ କ୍ରିକେଟ୍ ଏସବୁକୁ ନେଇ ପ୍ରଶଂସକଙ୍କ ରୁଚି କେମିତି ରହୁଛି, ଏସବୁକୁ ଧ୍ୟାନରେ ରଖି ନିଷ୍ପତ୍ତି ନିଆଯିବ । ଆଗାମୀ ବର୍ଷମାନଙ୍କରେ ଆଇସିସିର ୱିଣ୍ଡୋ କେମିତି ରହିବ ସେ ଦିଗରେ ବି ଧ୍ୟାନ ଦେବାକୁ ପଡ଼ିବ ବୋଲି ଆଇପିଏଲ୍ ଚେୟାରମ୍ୟାନ କହିଛନ୍ତି ।

# ଆଇପିଏଲରେ ଚମତ୍କାର କରିବା ପରେ ହୃଦୟର କଥା ବଖାଣିଲେ ବୈଭବ

**ଜୟପୁର**

ବିହାରର ପୁଅ ବୈଭବ ସୂର୍ଯ୍ୟବଂଶୀ ଏକ ଐତିହାସିକ ଇନିଂସ ଖେଳି ସମସ୍ତଙ୍କ ହୃଦୟ ଜିତିଥିଲେ । ସେ ମାତ୍ର ୩୫ ବଲ୍‌ରେ ତାଙ୍କ ଆଇପିଏଲ କ୍ୟାରିୟରର ପ୍ରଥମ ଶତକ ହାସଲ କରି ନିଜ ନାମରେ ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି । ସେ ଆଇପିଏଲରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟ୍‌ସମ୍ୟାନ ହୋଇଥିଲେ । ଏହି ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ୍' ମନୋନୀତ କରାଯାଇଥିଲା ।

ମ୍ୟାଚ୍ ପରେ, ବାମହାତୀ ବ୍ୟାଟ୍‌ସମ୍ୟାନ ତାଙ୍କର ବିସ୍ଫୋରକ ଇନିଂସ ବିଷୟରେ କହିଥିଲେ । ସେ କହିଥିଲେ- ଏହା ଏକ ବହୁତ ଭଲ ଅନୁଭବ । ଏହା ଆଇପିଏଲରେ ମୋର ପ୍ରଥମ ଶତକ ଏବଂ ଏହା ମୋର ତୃତୀୟ ଇନିଂସ । ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅଭ୍ୟାସ ପରେ ଫଳାଫଳ ଏଠାରେ ଅଛି । ମୁଁ କେବଳ ବଲ ଦେଖେ ଏବଂ ଖେଳେ ।

ବୈଭବଙ୍କ ବୟସ ୧୪ ବର୍ଷ ୩୨ ଦିନ, କିନ୍ତୁ ସେ ୟୁସୁଫ ପଠାନଙ୍କ ୧୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି । ବୈଭବ ଆଇପିଏଲରେ ଶତକ ମାରିବାରେ ଦ୍ରୁତତମ ଭାରତୀୟ ହୋଇ ସାରିଛନ୍ତି । ୨୦୧୦ ମସିହାରେ, ୟୁସୁଫ ପଠାନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୩୫ ବଲ୍‌ରେ ଶତକ ହାସଲ କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟରେ ଦ୍ରୁତତମ ଭାରତୀୟ ଶତକ ହାସଲ କରିଥିଲେ । ତାଙ୍କର ଏହି ରେକର୍ଡ ଏବେ ୨୦୨୫ ମସିହାରେ ଭାଙ୍ଗି ଯାଇଛି । ଅର୍ଥାତ୍ ଯେତେବେଳେ ବୈଭବ ଜନ୍ମ ହୋଇ ନ ଥିଲେ, ସେତେବେଳେ ୟୁସୁଫ ଏହି କୃତିତ୍ୱ କରିଥିଲେ ଏବଂ ଏବେ ବିହାରର ଏହି ଯୁବ୍ ବ୍ୟାଟ୍‌ସମ୍ୟାନ ତାଙ୍କ ବୟସଠାରୁ ବଡ଼ ଏକ ରେକର୍ଡ ଭାଙ୍ଗିଛନ୍ତି । ମୋଟାମୋଟି ଭାବରେ, ଆଇପିଏଲରେ ଦ୍ରୁତତମ ଶତକର ରେକର୍ଡ କ୍ରିସ୍ ଗେଲ୍‌ଙ୍କ ନାମରେ ଅଛି ଯିଏ ୨୦୧୩ରେ ପୁନେ ୱାରିୟର୍ସ ବିପକ୍ଷରେ ୩୦ ବଲରେ ଶତକ ହାସଲ କରିଥିଲେ ।




ମ୍ୟାଚ୍ ପରେ, ବୈଭବ ତାଙ୍କ ସାଥୀ ବ୍ୟାଟ୍‌ସମ୍ୟାନ ଯଶସ୍ୱୀ ଜୟସ୍ୱାଲଙ୍କ ପ୍ରଶଂସା ମଧ୍ୟ କରିଥିଲେ । ସେ କହିଛନ୍ତି, ଆଇପିଏଲରେ ଶତକ ମାରିବାର ତାଙ୍କର ସ୍ୱପ୍ନ ପୂରଣ ହୋଇଛି । ଜୟସ୍ୱାଲଙ୍କ ସହ ବ୍ୟାଟିଂ କରିବା ଭଲ, ସେ ମୋତେ କ'ଣ କରିବାକୁ ହେବ ତାହା କୁହନ୍ତି ଏବଂ ସେ ସକାରାତ୍ମକ ଜିନିଷଗୁଡ଼ିକୁ ସାମିଲ କରନ୍ତି । ଆଇପିଏଲରେ ଶତକ ମାରିବା ମୋର ସ୍ୱପ୍ନ ଥିଲା ଏବଂ ଆଜି ଏହା ସତ ହୋଇଛି । ଭୟ କର ନାହିଁ । ମୁଁ ଅଧିକ ଚିନ୍ତା କରେ ନାହିଁ, ମୁଁ କେବଳ ଖେଳିବାରେ ଧ୍ୟାନ ଦିଏ ।

ରାଜସ୍ଥାନକୁ ଜିତିବା ପାଇଁ ଗୁଜରାଟ ୨୧୦ ରନର ଟାର୍ଗେଟ ଦେଇଥିଲା, କିନ୍ତୁ ବୈଭବ ଏବଂ ଜୟସ୍ୱାଲ ରାଜସ୍ଥାନକୁ ଏକ ଦ୍ରୁତ ଆରମ୍ଭ ଦେଇଥିଲେ ଏବଂ ପ୍ରଥମ ଉଇକେଟ ପାଇଁ ୧୬୬ ରନର ଭାଗୀଦାରି କରିଥିଲେ । ଏହି ଭାଗିଦାରୀ ପ୍ରସବ କ୍ରିଷ୍ଣାଙ୍କ ଦ୍ୱାରା ବୈଭବଙ୍କୁ ଆଉଟ୍ କରି ଭାଙ୍ଗିଥିଲେ । ଏହା ରାଜସ୍ଥାନ ପାଇଁ ଯେକୌଣସି ଉଇକେଟ ପାଇଁ ସବୁଠାରୁ ବଡ଼ ଭାଗୀଦାରି । ବୈଭବ ଏବଂ ଯଶସ୍ୱୀ ଏହି ମାମଲାରେ ଜସ ବଟଲର ଏବଂ ଦେବଦତ୍ତ ପଡ଼ିକ୍କଲଙ୍କୁ ପଛରେ ପକାଇ ଦେଇଥିଲେ । ଉଭୟ ୨୦୨୨ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୫୫ ରନର ଭାଗୀଦାରି କରିଥିଲେ ।

ବୈଭବ ସୂର୍ଯ୍ୟବଂଶୀଙ୍କ ଚମତ୍କାର ଶତକ ବଳରେ ରାଜସ୍ଥାନ ରୟାଲ୍ସ ଆଠ ଉଇକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି । ସୱାଇ ମାନସିଂହ ଷ୍ଟାଡିୟମରେ ଖେଳାଯାଇ ଥିବା ଆଇପିଏଲର ୪୭ତମ ମ୍ୟାଚରେ, ଶୁବମନ ଗିଲ୍ ଏବଂ ଜୋସ୍ ବଟଲରଙ୍କ ଅର୍ଦ୍ଧଶତକ ସହାୟତାରେ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୨୦୯ ରନ କରିଥିଲା । ଜବାବରେ, ରାଜସ୍ଥାନ ୧୫.୫ ଓଭରରେ ଦୁଇ ଉଇକେଟ ହରାଇ ୨୧୨ ରନ କରିଥିଲା ଏବଂ ୨୫ ବଲ ବାକି ଥାଇ ମ୍ୟାଚ୍ ଜିତି ନେଇଥିଲା । ଏହା ସହିତ, ରାଜସ୍ଥାନ ମଧ୍ୟ ପ୍ଲେଅଫ ପାଇଁ ନିଜର ଆଶାକୁ ଉଜ୍ଜୀବିତ ରଖିଛି । ଏହି ମ୍ୟାଚ୍ ଜିତିବା ସହିତ, ରାଜସ୍ଥାନ ନିଜ ନାମରେ ଏକ ବଡ଼ ରେକର୍ଡ ମଧ୍ୟ କରିଛି । ଦଳ ଟି-୨୦ରେ ସବୁଠାରୁ ଦ୍ରୁତ ହାରରେ ୨୦୦+ ଲକ୍ଷ୍ୟ ହାସଲ କରିଥିଲା ।

# ବୈଭବ ସୂର୍ଯ୍ୟବଂଶୀଙ୍କ ଇନିଂସ ଦେଖି ଖୁସି ହେଲେ ବିହାର ମୁଖ୍ୟମନ୍ତ୍ରୀ : ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା



**ବିହାର**

ବିହାରର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ସୋମବାର ଇତିହାସ ରଚିଛନ୍ତି । ସେ ଆଇପିଏଲ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ । ସେ ପୁରୁଷ ଟି-୨୦ କ୍ରିକେଟରେ ଶତକ ମାରିବାରେ ସବୁଠାରୁ କମ୍ ବୟସ୍କ ଖେଳାଳି ମଧ୍ୟ ହୋଇଥିଲେ । ତେବେ ତାଙ୍କ ଖେଳ ଦେଖି ଖୁସିପ୍ରକଟ କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ତାଙ୍କ ଐତିହାସିକ ରେକର୍ଡ ପାଇଁ ସୂର୍ଯ୍ୟବଂଶୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ବୈଭବଙ୍କ ସହ ଫୋନ୍‌ରେ ମଧ୍ୟ କଥା ହୋଇଥିଲେ । ବୈଭବଙ୍କ ଇନିଂସ ଦେଖି ସେ ବହୁତ ଖୁସି । ରାଜ୍ୟ ସରକାର ବୈଭବଙ୍କୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଦେବେ । ମୁଖ୍ୟମନ୍ତ୍ରୀ ଏକ୍ସରେ ଏହି ସୂଚନା ଦେଇଛନ୍ତି । ବାମହାତୀ ବ୍ୟାଟ୍ସମ୍ୟାନ୍ ସୂର୍ଯ୍ୟବଂଶୀ ଇଶାନ୍ତ ଶର୍ମା, ମହମ୍ମଦ ସିରାଜ, ପ୍ରସାଦ କୃଷ୍ଣ, ୱାଶିଂଟନ୍ ସୁନ୍ଦର, ଆଫଗାନିସ୍ତାନର ରସିଦ ଖାନ ଏବଂ କରିମ ଜନତଙ୍କ ଭଳି ଅନ୍ତର୍ଜାତୀୟ ବୋଲରଙ୍କ ବିପକ୍ଷରେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ । ଗୁଜରାଟ ଟାଇଟାନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସର ୮ ୱିକେଟ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# କ୍ରିକେଟ୍ ପରେ ଫିଲ୍ମ ଜଗତରେ ପ୍ରବେଶ କଲେ ହରଭଜନ ସିଂହ

**ମୁମ୍ବାଇ**

ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂହ । ବର୍ତ୍ତମାନ ସେ ତାଙ୍କ ପତ୍ନୀ ଗୀତା ବସରାଙ୍କ ସହିତ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି । ତା ହେଉଛି ନିଜର ପ୍ରଡକ୍ସନ ହାଉସ୍ । ଏନେଇ ଗୀତା ବସ୍‌ରା ସୋସିଆଲ ମିଡିଆରେ କିଛି ଫଟୋ ସେୟାର କରି କନଫର୍ମ କରିଛନ୍ତି । ଖୁବ୍ ଶୀଘ୍ର ତାଙ୍କର ପ୍ରଥମ ଫିଲ୍ମ ଘୋଷଣା କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ।

ହରଭଜନ ଓ ତାଙ୍କ ପତ୍ନୀଙ୍କ ସହିତ ପ୍ରଡକ୍ସନ ହାଉସ୍ ପର୍ପଲ ରୋଜ୍ ଏଣ୍ଟରଟେନମେଣ୍ଟ ଆରମ୍ଭ କରିଛନ୍ତି । ଏହି ଦମ୍ପତି ପ୍ରଯୋଜକ ଭାବରେ ନିଜର କ୍ୟାରିଅରରେ ପାଦ ଥାପିଛନ୍ତି । ଗୀତା ତାଙ୍କ ଇନଷ୍ଟାଗ୍ରାମରେ ହରଭଜନଙ୍କ ସହ ଅନେକ ଫଟୋ ସେୟାର ଲେଖିଛନ୍ତି, 'ବଡ଼ ହସ, ବଡ଼ ସ୍ୱପ୍ନ... ଏବଂ ମୋ ପାଇଁ ଏକ ନୂତନ ଶୀର୍ଷକ ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ପ୍ରଡକ୍ସନ୍ ବ୍ୟାନର ଏହାର ପ୍ରଥମ ପ୍ରୋଜେକ୍ଟ ପାଇସାରିଛି । 'ପର୍ପଲ୍ ରୋଜ୍ ଏଣ୍ଟରଟେନମେଣ୍ଟ' ଅଧୀନରେ ଆମର ପ୍ରଥମ ପ୍ରୋଜେକ୍ଟ ପାଇଁ ହରଭଜନ ଏବଂ ମୁଁ ଆନୁଷ୍ଠାନିକ ଭାବରେ କ୍ୟାମେରା ରୋଲ୍ କରିଛୁ ଏବଂ ମୁଁ ନିର୍ମାତା ଭାବରେ ପ୍ରଡକ୍ସନ ଜଗତରେ ପାଦ ଦେବାକୁ ଅତ୍ୟନ୍ତ ଉତ୍ସାହିତ ।




ହରଭଜନ ସିଂହ ଏବଂ ଗୀତା ବସ୍‌ରା ଲଣ୍ଡନରେ ଡେଟିଂ ଆରମ୍ଭ କରିଥିଲେ । ପୂର୍ବତନ କ୍ରିକେଟର ଗୀତାଙ୍କ ଫିଲ୍ମ 'ଦି ଟ୍ରେନ୍'ର ଏକ ମ୍ୟୁଜିକ ଭିଡିଓ ଦେଖି ବହୁତ ପ୍ରଭାବିତ ହୋଇଥିଲେ । ଏହି କପଲ ପରସ୍ପରକୁ ଆଠ ବର୍ଷ ଧରି ଡେଟ୍ କରିଥିଲେ ଏବଂ ୨୯ ଅକ୍ଟୋବର ୨୦୧୫ରେ ପଞ୍ଜାବର ଜଳନ୍ଧରରେ ବିବାହ କରିଥିଲେ । ସେମାନେ ଜୁଲାଇ ୨୭, ୨୦୧୬ରେ ସେମାନଙ୍କର ପ୍ରଥମ କନ୍ୟା ସନ୍ତାନ ହିନାୟା ଏବଂ ଜୁଲାଇ ୧୦, ୨୦୨୧ରେ ସେମାନଙ୍କର ଦ୍ୱିତୀୟ ସନ୍ତାନ ବୀର ସିଂହକୁ ସ୍ୱାଗତ କରିଥିଲେ ।

# 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେବାରୁ, ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ମାରିଦେଲେ ଲୋକେ

**ମାଙ୍ଗାଲୁରୁ**

କର୍ଣ୍ଣାଟକର ମାଙ୍ଗାଲୁରୁ ସହରରେ ଏକ ସ୍ଥାନୀୟ କ୍ରିକେଟ ମ୍ୟାଚ୍ ସମୟରେ ଜଣେ ବ୍ୟକ୍ତିଙ୍କୁ 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେବା ଅଭିଯୋଗରେ ଉତ୍ତ୍ୟକ୍ତ ଲୋକ ପିଟି ପିଟି ମାରି ଦେଇଛନ୍ତି । ଏହି ଘଟଣା ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ କୁଡୁପୁ ଅଞ୍ଚଳର ଭଟ୍ରା କାଲ୍ଲୁର୍ତି ମନ୍ଦିର ନିକଟରେ ଘଟିଛି । ପୋଲିସ ସୂଚନା ଅନୁଯାୟୀ, ଅଜଣା ପରିଚୟର ଏହି ବ୍ୟକ୍ତି ମ୍ୟାଚ ଚାଲିଥିବା ସମୟରେ 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେଇଥିଲେ, ଯାହା ଦେଖି ଉପସ୍ଥିତ କିଛି ଲୋକ ତାଙ୍କୁ ଆକ୍ରମଣ କରିଥିଲେ । ତେବେ ବାଡ଼ି ଓ ଗୋଇଠା ମାଡ଼ରେ ତାଙ୍କୁ ନିର୍ମମ ଭାବେ ପିଟାଯାଇଥିଲା । କିଛି ଦର୍ଶକ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ରକ୍ଷା କରି ପାରି ନଥିଲେ । ଘଟଣା ପରେ ତାଙ୍କ ମୃତଦେହ ମନ୍ଦିର ନିକଟରୁ ଉଦ୍ଧାର ହୋଇଥିଲା ।

ମାଙ୍ଗାଲୁରୁ ପୋଲିସ କମିଶନର ଅନୁପମ ଅଗ୍ରୱାଲ କହିଛନ୍ତି ଯେ, ପ୍ରାରମ୍ଭିକ ତଦନ୍ତରେ ଶରୀରରେ ବାହ୍ୟ ଆଘାତର ଚିହ୍ନ ମିଳି ନ ଥିଲା । କିନ୍ତୁ, ୱେନଲକ ଜିଲ୍ଲା ହସ୍ପିଟାଲରେ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡିଛି ଯେ, ଅନ୍ତଃ ରକ୍ତସ୍ରାବ ଓ ବାରମ୍ବାର ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି । କର୍ଣ୍ଣାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱର ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ ଜାରି ରହିଥିବା କହିଛନ୍ତି । ଏପର୍ଯ୍ୟନ୍ତ ୧୫ ଜଣଙ୍କୁ ଗିରଫ କରାଯାଇଛି ଏବଂ ପୋଲିସ ସିସିଟିଭି ଫୁଟେଜ ଓ ମୋବାଇଲ ଟାୱାର ଡାଟା ଆଧାରରେ ଅଧିକ ଅଭିଯୁକ୍ତଙ୍କୁ ଖୋଜୁଛି । ଏହି ମାମଲା ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୨) ଅନୁଯାୟୀ ମବ ଲିଞ୍ଚିଂ ମାମଲା ଭାବେ ରୁଜୁ ହୋଇଛି, ଯେଉଁଥିରେ ଦୋଷୀ ସାବ୍ୟସ୍ତ ହେଲେ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ମିଳିପାରେ ।

# ପୋଲିସ ଗାଡ଼ି ଧକ୍କାରେ ଚାଲିଗଲା ଯୁବକଙ୍କ ଜୀବନ

**ତାଳଚେର, ନ୍ୟୁଜ୍‌ବ୍ୟୁରୋ**

ଅନୁଗୋଳ ଜିଲ୍ଲା ତାଳଚେର ବଲଣ୍ଡା ଅଞ୍ଚଳରେ ମଙ୍ଗଳବାର ସକାଳେ ଏକ ପୋଲିସ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତକ ହେଲେ ସ୍ଥାନୀୟ ଗୁରୁଦ୍ୱାର ଅଞ୍ଚଳର ସୁଶାନ୍ତ ସାହୁ (୪୦) । ମିଳିଥିବା ସୂଚନା ମୁତାବକ, ସୁଶାନ୍ତ ବଲଣ୍ଡା ବଜାରକୁ ପରିବା ନେବାକୁ ଆସିଥିଲେ । ସେତିକିବେଳେ ଓଆଇଏସଏଫ ପୋଲିସ ଗାଡ଼ି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଉତ୍ତେଜନା ପରିସ୍ଥିତି ଦେଖା ଦେଖାଦେଇଇଥିଲା । ଖବର ପାଇ କଳିୟାରୀ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ବୁଝାଶୁଝା କରିଥିଲା । ଅନ୍ୟପକ୍ଷେ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

**NOTICE INVITING TENDER**
**OFFICE OF THE MUNICIPAL COUNCIL,NAYAGARH** C-185
NAYAGARH(ODISHA), PIN-752069
e-Mail :- nacnayagarh@yahoo.co.in
Tender Call Notice No. 968 / Dt. 24.04.2025
E- Procurement Notice No. MUNLNGR-06/2025-26

| | | | |
|---|---|---|---|
| 1 | Name of the Work | : | Construction of Shed at Fish Market back side, Nayagarh Municipality |
| 2 | No of Works | : | 01 No. |
| | Value of work | : | 7,25,433/- |
| 3 | Class of Bidder | : | D&C |
| 4 | Period of Completion | : | As per DTCN |
| 5 | Date of Publication | : | **Dt. 24.04.2025** |
| 6 | Date and Time of availability of Document in the Portal | : | From **Dt. 28.04.2025** at **10.00** AM to Dt. **07.05.2025** up to **5.00 PM** |
| 7 | Last Date / Time for Receipt of Bids in Portal | : | **Dt. 07.05.2025** up to **5.00 PM** |
| 8 | Last date of submission of original documents in this office | : | On or before 12.00 Noon on Dt.09.05.2025 by Registered Post / Speed Post / Drop Box available at Municipal Office |
| 9 | Date and Time of opening Bid | : | Dt. 13.05.2025 at 09.00 AM at Municipality Office, Nayagarh |
| 10 | Address and address of the office inviting bid | : | -Sd- Executive officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in
**OIPR-13134/11/0035/2526**

**GOVERNMENT OF ODISHA, DEPARTMENTOF WATER RESOURCES** A-86
**Office of the Addl. Chief Engineer, Mechanical Circle, Bhubaneswar**
**Email Address: semechcircle104@gmail.com**
**e-Procurement Notice- Bid Identification No.- ACEM/MDB-05/2025-26**
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIG/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM / MDC - 05/2025-26
5. Estimated Cost : Rs. 10,49,154/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt. 28.04.2025 (10.00 AM) to dt.08.05.2025(5.30 PM)
8. Last date/ time for receipt of bid In the Portal : dt. 08.05.2025 (up to 5.30 PM)
9. Date and Place of opening of Bid : dt.09.05.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only
**Sd/- Addl. Chief Engineer, Mechanical Circle, Bhubaneswar**
**OIPR-32405/11/0052/2526**

**CUTTACK MUNICIPAL CORPORATION** C-198
**'e' PROCUREMENT NOTICE**
**Tender Call Notice No 5410 (PW) Date 28.04.2025**
**Tender ID : 2025 ORULB 112665**
Civil worsk : 2 No
Bid Value : Rs 15.59 Lakhs to Rs. 38.47 Lakhs

Date and Time Schedule

| Start | End | Opening |
|---|---|---|
| 11.00 Am on dt 30.04.2025 | 5.00 PM on dt.14.05.2025 | 11.00 A.M of 15.05.2025 |

Tender Details can be seen from the procurement portal : **www.tendersorissa.gov.in**
**Sd/- Executive Engineer City Division-II, CMC**
**OIPR-13031/11/0174/2526**

**OFFICE OF THE SUPERINTENDING ENGINEER** B-72
**BHUBANESWAR (R&B) DIVISION NO III**
**BHUBANESWAR**
bbsrrandb03@yahoo.corn
No-2984 Date-24.04.2025
Government of Odisha "e"-Procurement Notice No (03 ) of 2025-26
Bid Identification No: - C.C. (R&B) 03
1 Name of the Work — Road E.I. Work
2 Total No of works — 1 no. work
3 Estimated Cost — i) Rs. 21,86,893/-
4 Class of Contractor — "HT" Class Contractor
5 Period of Completion — 1 (One ) Calendar Month
6 Type of Tender — Single Cover System (Online)
7 Date & time of availability of bid document in the portal — From 28/04/2025 at 11.30 A.M. to 05/05/2025 at 5.00 P.M
8 Last Date & Time for Receipt of bids in the Portal — 05/05/2025, upto 5.00 P.M.
9 Name & Address of the Officer inviting Bid — Er. Narendra kumar Ghadai, Superintending Engineer, Bhubaneswar (R&B) Division No III, Bhubaneswar

Further details can be seen from the e-procurement portal https://tendersorissa.gov.in
**N.B : Subsequent corrigendum I addendum if required shall be available in the website as indicated above**
**Sd/- Superintending Engineer BBSR (R&B) Division No.III BBSR**
**OIPR-34089/11/0025/2526**

**GOVERNMENT OF ODISHA, DEPARTMENTOF WATER RESOURCES** A-90
**Office of the Addl. Chief Engineer, Mechanical Circle, Bhubaneswar**
**Email Address: semechcircle104@gmail.com**
**e-Procurement Notice- Bid Identification No.- ACEM/MDB-09/2025-26**
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIG/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM / MDB - 09/2025-26
5. Estimated Cost : Rs. 10,11,307/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt. 28.04.2025 (10.00 AM) to dt.08.05.2025(5.30 PM)
8. Last date/ time for receipt of bid In the Portal : dt. 08.05.2025 (up to 5.30 PM)
9. Date and Place of opening of Bid : dt.09.05.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only
**Sd/- Addl. Chief Engineer, Mechanical Circle, Bhubaneswar**
**OIPR-32405/11/0059/2526**

**OFFICE OF THE** B-65
**SUPERINTENDING ENGINEER ELECTRICAL CIRCLE (R&B)**
**NIRMAN SOUDHA BHUBANESWAR**
**E-mail scec.bbsr2010 @ gmail.com**
**Bid Identification No.S.E.E.C (R&B) 02/2025-26**
**No 1436 / Date 25.04.2025**

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.05.2025 at 05.00 P.M. to dt. 15.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 16.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.
**Sd/- Superintending Engineer Electrical Circle (R&B) Odisha, BBSR**
**OIPR-34006/11/0032/2526**

# ଉତ୍କଳ ଦୀପିକା

ଭୁବନେଶ୍ୱର
୩୦ ଅପ୍ରେଲ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27


## ଘରୋଇ ଚାକିରି କରୁଥିବା କର୍ମଚାରୀଙ୍କ ପେନ୍‌ସନ୍ ବଢ଼ିବ



**ନୂଆଦିଲ୍ଲୀ, ୨୯/୪**

କେନ୍ଦ୍ର ସରକାର କର୍ମଚାରୀ ପେନ୍‌ସନ୍ ସ୍କିମ୍ ଅଧୀନରେ ସର୍ବନିମ୍ନ ପେନ୍‌ସନ୍‌କୁ ବଢ଼ାଇବା ପାଇଁ ଯୋଜନା କରୁଛନ୍ତି । ସରକାର ଇପିଏସକୁ ୧୦୦୦ ଟଙ୍କାରୁ ବଢ଼ାଇ ୩୦୦୦ ଟଙ୍କା କରିବା ପାଇଁ ବିଚାର କରୁଛନ୍ତି । ଆଗାମୀ କିଛି ମାସ ଭିତରେ ଏହା ଲାଗୁ ହୋଇପାରେ । ସରକାରଙ୍କ ଦ୍ୱାରା ଏହି ବଡ଼ ଘୋଷଣା ଏପରି ସମୟରେ ହେବାକୁ ଯାଉଛି, ଯେତେବେଳେ ଦରଦାମ ବୃଦ୍ଧି ଓ ବୟସ୍କଙ୍କ ସାମାଜିକ ସୁରକ୍ଷା ଉପରେ ଚିନ୍ତା ବଢ଼ିଛି । ଇପିଏସ୍ ଭାରତରେ ସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ଏକ ଅବସରକାଳୀନ ଯୋଜନା । ଏହାକୁ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ ପରିଚାଳନା କରେ । ଏହାର ଉଦ୍ଦେଶ୍ୟ ପ୍ରାଇଭେଟ୍ ସେକ୍ଟରର କର୍ମଚାରୀଙ୍କୁ ଅବସର ପରେ ଏକ ନିଶ୍ଚିତ ମାସିକ ଆୟ ପ୍ରଦାନ କରିବା । ଏହି ଯୋଜନା ପାଇଁ ଫଣ୍ଡ୍ ନିଯୁକ୍ତିଦାତା ଅର୍ଥାତ କମ୍ପାନିର ଯୋଗଦାନରୁ ଆସିଥାଏ । ଏହାର ଅର୍ଥ ଇପିଏଫରେ ୧୨ ପ୍ରତିଶତରୁ ୮.୩୩ ପ୍ରତିଶତ ଇପିଏସ୍ ଓ ବଳକା ୩.୬୭ ପ୍ରତିଶତ ଇପିଏଫରୁ ଆସିଥାଏ । ସରକାରୀ ଅଧିକାରୀ କହିଛନ୍ତି, ସର୍ବନିମ୍ନ ପେନ୍‌ସନ୍‌କୁ ପ୍ରତି ମାସ ୩୦୦୦ ଟଙ୍କା କରିବା ପାଇଁ ପ୍ରସ୍ତୁତି କରାଯାଉଛି । ଦୀର୍ଘ ଦିନରୁ ଏହା ବିଚାରାଧୀନ ରହିଛି। ଏହା ପୂର୍ବରୁ ୨୦୨୦ରେ ଶ୍ରମ ମନ୍ତ୍ରଣାଳୟ ସର୍ବନିମ୍ନ ପେନ୍‌ସନ୍ ୨୦୦୦ ଟଙ୍କା କରିବା ପାଇଁ ପ୍ରସ୍ତାବ ଅର୍ଥ ମନ୍ତ୍ରଣାଳୟକୁ ପଠାଯାଇଥିଲା, କିନ୍ତୁ ଏହାକୁ ମଞ୍ଜୁରି ମିଳି ନଥିଲା । ରିପୋର୍ଟ ଅନୁସାରେ ଶ୍ରମ ମନ୍ତ୍ରଣାଳୟ ବର୍ତ୍ତମାନ ୩୦୦୦ ଟଙ୍କା ପେନସନ ଲାଗୁ କରିବା ସହ ଜଡ଼ିତ ଅତିରିକ୍ତ ଖର୍ଚ୍ଚର ମୂଲ୍ୟାଙ୍କନ କରୁଛି । ଆର୍ଥିକ ବର୍ଷ ୨୦୨୩-୨୪ରେ ସରକାର ଇପିଏସ୍ ପେନ୍‌ସନ୍‌ଭୋଗୀଙ୍କୁ ସର୍ବନିମ୍ନ ପେନ୍‌ସନ୍ ଦେବା ପାଇଁ ୧,୨୨୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଯାହା ପୂର୍ବ ବର୍ଷ ତୁଳନାରେ ୩୬ ପ୍ରତିଶତ ଅଧିକ । ନିକଟରେ ବିଜେପି ସାଂସଦ ବସବରାଜ ବୋମ୍ମାଇଙ୍କ ଅଧ୍ୟକ୍ଷତାରେ ସଂସଦୀୟ ସମିତି ଶ୍ରମ ମନ୍ତ୍ରଣାଳୟକୁ ସର୍ବନିମ୍ନ ଇପିଏସ୍ ପେନସନକୁ ତତ୍କାଳ ବଢ଼ାଇବା ପାଇଁ ସୁପାରିଶ କରିଥିଲା।

## ୨୦ ଦୋକାନ ଜଳିଗଲା

**ଭୋଗରାଇ ୨୯।୪**
**ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ବଜାରରେ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ନିଆଁ ଲିଭାଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ୟମ ହୋଇଥିଲା। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଦିନ ପ୍ରାୟ ୪ଟା ସମୟରେ ଚନ୍ଦନେଶ୍ୱର ବଜାରରେ ହଠାତ ଧୂଆଁ ଦେଖିବା ପାଇଁ ମିଳିଥିଲା । ପରବର୍ତ୍ତୀ ସମୟରେ ଭୟାବହ ନିଆଁ ଜଳିବା ଆରମ୍ଭ ହେଲା। ସ୍ଥାନୀୟ ଲୋକେ ଏହାକୁ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେବା ସହ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ପ୍ରାୟ ୭ରୁ ଅଧିକ ଦୋକାନରେ ନିଆଁ ଲାଗିଥିବା ଜଣା ପଡିଥିଲା । ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ଦୁର୍ଘଟଣାରେ ପ୍ରାୟ ୨୦ଟି ଦୋକାନ ଜଳି ଯାଇଥିବା ଜଣାପଡିଛି।



ଭୁବନେଶ୍ୱର: ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା ପାଇଁ ପବିତ୍ର ବିନ୍ଦୁସାଗରରେ ଚାପ ଡଙ୍ଗା ପ୍ରସ୍ତୁତ। (ଫଟୋ : ସମ୍ବାଦ କଳିକା)

## ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିସ୍ ଓ ଏଫ୍‌ଆଇଭିବି ଆଲୋଚନା



**ଭୁବନେଶ୍ୱର, ୨୯।୪ ନ୍ୟୁଜ ବ୍ୟୁରୋ**

କିସ୍ ଜରିଆରେ ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିଟ୍-କିସ୍ ଓ ଏଫ୍‌ଆଇଭିବି ମଧ୍ୟରେ ଆଲୋଚନା ହୋଇଛି। ଏ ସମ୍ପର୍କରେ ଆଲୋଚନା ପାଇଁ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସୁଇଜରଲ୍ୟାଣ୍ଡ ସ୍ଥିତ ଏଫ୍‌ଆଇଭିବି ମୁଖ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା। ଏଫ୍‌ଆଇଭିବି ହେଉଛି ଭଲିବଲର ସର୍ବୋଚ୍ଚ ଅନ୍ତର୍ଜାତିକ ସଂଗଠନ। ଭାରତରେ ବିଶେଷ କରି ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ତୃଣମୂଳସ୍ତରରେ ଭଲିବଲର ପ୍ରସାର ଉପରେ ଏଫ୍‌ଆଇଭିବି କର୍ତ୍ତୃପକ୍ଷ ଓ ଡ. ସାମନ୍ତଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଡ. ଅଚ୍ୟୁତ ସାମନ୍ତଙ୍କ ସହ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ସଭାପତି ଡ. ଆରି ଗ୍ରାକା, ଏଫ୍‌ଆଇଭିବି ସଭାପତି ଫାବିଓ ଆଜେଭେଦୋ, ଏଫ୍‌ଆଇଭିବି ଜେନେରାଲ୍ ଡାଇରେକ୍ଟର ଷ୍ଟିଭ୍ ଟଟନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡ. ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ ପଦ ଛାଡ଼ିବା ପରେ ଭାରତରେ ଭଲିବଲ୍‌ର ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନଥିବା ଏହି ଆଲୋଚନା ଅବସରରେ ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ତେବେ ଖୁବ୍ ଶୀଘ୍ର କିଟ୍ ଓ କିସ୍ ଜରିଆରେ ଭାରତ ବିଶେଷକରି ଓଡ଼ିଶାରେ ଭଲିବଲର ପ୍ରସାର ନିମନ୍ତେ କିସ୍‌ରେ ଅନେକଗୁଡ଼ିଏ ସେଣ୍ଟର ଅଫ୍ ଏକ୍‌ସଲେନ୍‌ସ ଖୋଲାଯିବ ବୋଲି ଏଫ୍‌ଆଇଭିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ସହିତ ଭଲିବଲ୍ କୋଚ୍ ଓ ରେଫରୀମାନଙ୍କ ପାଇଁ ଏକ ଏକାଡେମିକ୍ ପ୍ରୋଗ୍ରାମ ମଧ୍ୟ ଚାଲୁ କରାଯିବ। ଆଗାମୀ ଦିନରେ ଓଡ଼ିଶାରେ ୪ଶହ ବିଦ୍ୟାଳୟକୁ ଏହି ବିକାଶଧାରାରେ ସାମିଲ କରାଯିବ ଏବଂ ପ୍ରତ୍ୟେକ ବିଦ୍ୟାଳୟକୁ ଭଲିବଲ୍ ଓ ନେଟ୍ ଯୋଗାଇ ଦିଆଯିବ ବୋଲି ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବିଚ୍ ଭଲିବଲ୍‌ର ବିକାଶ ପାଇଁ ମଧ୍ୟ ଏଫ୍‌ଆଇଭିବି ପକ୍ଷରୁ ପ୍ରଶିକ୍ଷକ ଯୋଗାଇ ଦିଆଯିବ। ଏହା ସହ ପ୍ରତିବର୍ଷ ଏଫ୍‌ଆଇଭିବି କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ହୋଇଥିବା ଭଲିବଲ୍ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବ। ଏଥିରେ ସନ୍ତୋଷ ବ୍ୟକ୍ତ କରି ଡ. ସାମନ୍ତ କହିଛନ୍ତି, ଏହା ଦ୍ୱାରା ଓଡ଼ିଶାରେ ଭଲିବଲ୍ ଓ ବିଚ୍ ଭଲିବଲ୍‌ର ଯଥେଷ୍ଟ ବିକାଶ ଘଟିବା ସହ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭା ସୃଷ୍ଟି ହୋଇପାରିବେ।

## ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ନୀତିକାନ୍ତି ଆରମ୍ଭ : ଆତସବାଜୀ ନିଷିଦ୍ଧ

**ପୁରୀ, ୨୯/୪ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କୁ ବି ଗରମ ହୁଏ। ଏ ମଣିଷ ଯେମିତି ଗରମରୁ ରକ୍ଷା ପାଇବା ପାଇଁ ଫ୍ୟାନ ଠୁ ଏସିର ବ୍ୟବସ୍ଥା କରୁଛି । ସେଇମିତି ଆମ ମହାପ୍ରଭୁ ମଧ୍ୟ ତାତିରୁ ତ୍ରାହି ପାଇବା ପାଇଁ ଉପାୟ ଆପଣାନ୍ତି। ବିଶାଳ ପୋଖରୀ, ନୀଳ ଜଳରାଶି, ପୂବେଇ ପବନ ଆଉ ଶୀତଳ ସମୀରର କୋମଳ ସ୍ପର୍ଶ ପାଇବା ପାଇଁ ଭାଇ-ଭଉଣୀଙ୍କୁ ସାଙ୍ଗରେ ଧରି ନୌକା ବିହାର କରିବାକୁ ବାହାରି ପଡନ୍ତି ଆମ ଠାକୁରେ । ଆଉ ସେବାୟତମାନେ ମହାପ୍ରଭୁଙ୍କୁ ସତେଜ କରିବାରେ ଲାଗିପଡନ୍ତି । ସେଥିପାଇଁ ନୌକା ବିହାର କରନ୍ତି ମହାପ୍ରଭୁ । ଯାହାକୁ କୁହାଯାଏ ଚନ୍ଦନ ଯାତ୍ରା । ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଅର୍ଥାତ୍ ସ୍ନାନପୂର୍ଣ୍ଣିମା ପୂର୍ବ ଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ସରିବା ପରେ ପରବର୍ତ୍ତୀ ୨୧ ଦିନ ଜ୍ୟୋଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ



ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନଯାତ୍ରା ରୂପେ ପାଳିତ ହୋଇଥାଏ ।

ମହାପ୍ରଭୁଙ୍କ ଚନ୍ଦନଲାଗି ଜନିତ ନୀତିକାନ୍ତିର ଅୟମାରମ୍ଭ ହୁଏ ଅକ୍ଷୟ ତୃତୀୟାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ବୈଶାଖ ଶୁକ୍ଳ ଦ୍ୱିତୀୟା ତିଥିରେ । ଏହି ତିଥିରେ ତିନିବାଡରେ ସନ୍ଧ୍ୟା ଧୂପ ପୂଜା ବଢ଼ିବା ପରେ ବିଧି ମୁତାବକ ପ୍ରତିଦିନ ପରି ରାତ୍ର ଚନ୍ଦନଲାଗି ହେବା ପରେ ଭୋଗମଣ୍ଡପ ଘର ଧୋ ପଖାଳ ହୋଇ ସୁନ୍ଦର ଚାନ୍ଦୁଆ ବନ୍ଧା ଯାଇଥାଏ । ତା' ପରେ ପାଳିଆ ମେକାପ ସେବାୟତ ତିନୋଟି ରୂପା ପିଙ୍ଗଣ ଓ ପରଖରେ କର୍ପୁର ମିଶା ସୁବାସିତ ଚନ୍ଦନ ରଖି ସେଠାକୁ ଯାଇଥାନ୍ତି । ଏହି ଚନ୍ଦନ ରାଘବଦାସ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଏ। କାଠର ଭଦ୍ରାସନ ଉପରେ ଚନ୍ଦନ ପିଙ୍ଗଣ ଗୁଡିକ ରଖାଯାଏ । ତା' ପରେ ଜନୈକ ପୂଜାପଣ୍ଡା ସାମନ୍ତ ଆସି ସେହି ଚନ୍ଦନକୁ ଚେମେଡୀ, ପତନୀ ଓ ଫୁଲଚନ୍ଦନ ଦେଇ ସଂସ୍କାର କରାଇ ଅଧିବାସ କରନ୍ତି । ତା'ପରେ ତଡ଼ଉକରଣ ସେବାୟତ ଆସି ଚତୁର୍ଦ୍ଦିଗକୁ ଉନ୍ମୁକ୍ତ ଥିବା ଭୋଗମଣ୍ଡପର ସମସ୍ତ ଦ୍ୱାରକୁ ବନ୍ଦ କରି ମୁଦ ଦିଅନ୍ତି। ଏପଟେ ରତ୍ନସିଂହାସନରେ ଚାଲୁ ରହିଥିବା ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ବଢ଼ି ରାତ୍ର ପହୁଡ଼ ହୁଏ।

ଏହି ଅବସରରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ସହ ଚନ୍ଦନ ଯାତ୍ରା ମଧ୍ୟ ଆରମ୍ଭ ହୋଇଛି। ଏଥିପାଇଁ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଡଙ୍ଗା ନନ୍ଦା ଓ ଭଦ୍ରାକୁ ପ୍ରସ୍ତୁତ କରାଯାଇଛି। ତେବେ ଚନ୍ଦନ ଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଚନ୍ଦନ ଚାପକୁ ଶୃଙ୍ଖଳିତ କରିବା ପାଇଁ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଜଣେ ଅତିରିକ୍ତ ଏସପି, ପାଞ୍ଚଜଣ ଡିଏସପି, ୮ ଇନ୍ସପେକ୍ଟରଙ୍କ ସମେତ ୨୦ ସବ ଇନ୍ସପେକ୍ଟର ଦାୟିତ୍ୱରେ ରହିଛନ୍ତି।

ତେବେ ଗତବର୍ଷ ନରେନ୍ଦ୍ର ପୁଷ୍କରିଣୀରେ ବାଣ ବିସ୍ଫୋରଣରେ ଅନେକ ନିରୀହ ଲୋକଙ୍କ ଜୀବନ ଚାଲିଯାଇଥିବା ବେଳେ ଚଳିତ ବର୍ଷ ଆତସବାଜିକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଛି। କୌଣସି ବ୍ୟକ୍ତି ବିଶେଷ ଆତସବାଜି ପ୍ରଦର୍ଶନ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପୋଲିସ। ସେହିପରି ଚନ୍ଦନ ଚକଡ଼ା ଠାରେ ଭକ୍ତଙ୍କ ପାଇଁ ଏକ ସହାୟତା କେନ୍ଦ୍ର ପୋଲିସ ପକ୍ଷରୁ ଖୋଲାଯାଇଛି। ଟ୍ରାଫିକ ସୁପରିଚାଳନାକୁ ମଧ୍ୟ ଗୁରୁତ୍ୱ ଦେଇଛି ପୋଲିସ ପ୍ରଶାସନ। ତେବେ ଚନ୍ଦନଯାତ୍ରା ଅବସରରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ସମେତ ପଞ୍ଚୁପାଣ୍ଡବ ସ୍ୱତନ୍ତ୍ର ବିମାନରେ ଆସି ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପି ନୌକାବିହାର ବା ଜଳକ୍ରୀଡା କରିବେ। ସେପଟେ ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେବାକୁ ଥିବାରୁ ରଥଖଳା ଠାରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ନରେନ୍ଦ୍ର ପୁଷ୍କରିଣୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ଏନେଇ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ଜିଲ୍ଲା ଅବକାରୀ ଅଧୀକ୍ଷକ



**ଢେଙ୍କାନାଳ ୨୯।୪**
**ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ୩ ଲକ୍ଷ ଟଙ୍କା ସହିତ ତାଙ୍କୁ କାବୁ କଲା ଭିଜିଲାନ୍ସ । ଢେଙ୍କାନାଳ ମହାବୀର ବଜାର ସ୍ଥିତ ତାଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢଉ ଜାରି ରହିଛି । ସେହିଭଳି ଜଗତପୁର ସ୍ଥିତ ଘର, ଚୌଦ୍ୱାର ସ୍ଥିତ ପୈତୃକ ଘର, ଖୋର୍ଦ୍ଧା, ମହାବୀର ବଜାର ସ୍ଥିତ ସରକାରୀ ବାସଭବନ, ମହିଷାପାଟ ସ୍ଥିତ ଏକ୍ସାଇଜ ଅଫିସରେ ମଧ୍ୟ ଚଢଉ ଜାରି ରହିଛି । ୬ଟି ସ୍ଥାନରେ ୬ଟି ଟିମ୍ ଏକକାଳୀନ ଚଢ଼ଉ ଜାରି ରଖିଛନ୍ତି। ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢଉ କାର୍ଯ୍ୟ ଶେଷ ହେବା ପରେ ସେ ବେଆଇନ୍ ଭାବେ କେତେ ସମ୍ପତି ଅଧିକାର କରିଛନ୍ତି ତାହା ଜଣାପଡିବ। ମଙ୍ଗଳବାର ଚଢଉ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବୁଧବାର ମଧ୍ୟ ଏହି ସବୁ ସ୍ଥାନଗୁଡିକରେ ଟିମ୍ ପକ୍ଷରୁ ଯାଞ୍ଚ କାର୍ଯ୍ୟ କରାଯିବ।

## ନବୀନଙ୍କୁ ଭେଟିଲେ ପ୍ରଶାନ୍ତଙ୍କ ବଡ଼ ଭାଇ : ଶୁଦ୍ଧିକ୍ରିୟାରେ ସାମିଲ ପାଇଁ କଲେ ନିମନ୍ତ୍ରଣ

**ଭୁବନେଶ୍ୱର, ୨୯/୪**
**ନ୍ୟୁଜ ବ୍ୟୁରୋ**

ବୁଧବାର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱର ଇଶାଣୀ ଗାଁର ପ୍ରଶାନ୍ତ ଶତପଥୀଙ୍କ ଏକାଦଶାହ । ପ୍ରଶାନ୍ତଙ୍କ ଶୁଦ୍ଧିକ୍ରିୟାରେ ସାମିଲ ହେବା ପାଇଁ ନିମନ୍ତ୍ରଣ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ପ୍ରଶାନ୍ତଙ୍କ ବଡ଼ ଭାଇ ସୁଶାନ୍ତ ଶତପଥୀ । ନବୀନ ନିବାସ ଯାଇ ନବୀନଙ୍କୁ ଭେଟି ଏକଦଶାହ କାର୍ଯ୍ୟରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି ସୁଶାନ୍ତ। ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ପରେ ପ୍ରଶାନ୍ତଙ୍କ ବଡ଼ ଭାଇ କହିଛନ୍ତି, 'ଆତଙ୍କୀ ଆକ୍ରମଣରେ ଭାଇର ମୃତ୍ୟୁ ହେବା ପର ଦିନ ନବୀନ ପଟ୍ଟନାୟକ ଆମ ପରିବାରକୁ ଫୋନ କରିଥିଲେ । ଧୈର୍ଯ୍ୟହରା ନହେବା ପାଇଁ ଆମକୁ ଆଶ୍ୱାସନା ଦେଇଥିଲେ । ସୁଶାନ୍ତ ସାକ୍ଷାତ ପରେ ଶ୍ରୀ ପଟ୍ଟନାୟକ ପଚାରିଥିଲେ ଯେ ଆମକୁ କ'ଣ ଦରକାର, ମୁଁ ତାଙ୍କୁ କହିଲି ଯେ, ଆମକୁ ମୋ ଭାଇର ଶେଷକୃତ୍ୟରେ ସାମିଲ ହେବା ବ୍ୟତୀତ ଆଉ କିଛି ଦରକାର ନାହିଁ । ସେ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ପହଞ୍ଚିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବେ ।' ପ୍ରଶାନ୍ତଙ୍କ ବଡ ଭାଇ ଆହୁରି ମଧ୍ୟ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଆମ ଘରକୁ ଯାଇଥିଲେ । ମୋ ଭାଇର ପତ୍ନୀଙ୍କୁ ଏକ ସ୍ଥାୟୀ ଚାକିରି ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଏହାସହ ୨୦ ଲକ୍ଷ ଟଙ୍କା ସହାୟତା ସାଙ୍ଗକୁ ପ୍ରଶାନ୍ତଙ୍କ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ମୁଁ ଗଣମାଧ୍ୟମ ଜରିଆରେ ଏତିକି ଅନୁରୋଧ କରୁଛି ଦେଶରେ ଶାନ୍ତି ବଜାୟ ରହୁ । ସେପଟେ ପ୍ରଶାନ୍ତଙ୍କ ଶୁଦ୍ଧିକ୍ରିୟାରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି ବୋଲି କହିଛନ୍ତି ପ୍ରଶାନ୍ତଙ୍କ ବଡ଼ ଭାଇ । ତେବେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ, ଲେଖାଶ୍ରୀ ସାମନ୍ତସିଂହାରଙ୍କ ସହ ନବୀନ ନିବାସରେ ପହଁଞ୍ଚିଥିଲେ ପ୍ରଶାନ୍ତଙ୍କ ଭାଇ। ପ୍ରାୟ ଅଧଘଣ୍ଟା ଧରି ନବୀନଙ୍କ ସହ ସେ ଆଲୋଚନା କରିଥିଲେ ।



## ମେ'୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତରକନିକା ବନ୍ଦ

**ଭୁବନେଶ୍ୱର, ୨୯/୪ ନ୍ୟୁଜ ବ୍ୟୁରୋ**

ଲୁଣି କୁମ୍ଭୀରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରଜନନ ଋତୁ ଯୋଗୁ ମେ'୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ସହକାରୀ ମୁଖ୍ୟ ବନ ସଂରକ୍ଷକ ମାନସ ଦାସ ଏନେଇ ସୂଚନା ପ୍ରଦାନ କରିଛନ୍ତି। ଏହି ବନ୍ଦର ଉଦ୍ଦେଶ୍ୟ ହେଉଛି ସରୀସୃପଙ୍କ ବସା ବାନ୍ଧିବା ଏବଂ ପ୍ରଜନନ ଋତୁ ସମୟରେ ସେମାନଙ୍କ ପ୍ରତି ହେଉଥିବା ବାଧାକୁ ରୋକିବା। ଜାନୁଆରୀ ୨୦୨୫ ସୁଦ୍ଧା, ଭିତରକନିକା ଜାତୀୟ ଉଦ୍ୟାନରେ ୧୮୨୬ଟି ଲୁଣାପାଣି କୁମ୍ଭୀର ଅଛନ୍ତି। ବନରକ୍ଷୀମାନେ ପ୍ରତି ବସା ପାଇଁ ୫୦ ରୁ ୬୦ ଟି ଅଣ୍ଡା ଦେଉଥିବା ମା'କୁମ୍ଭୀରମାନଙ୍କ ଉପରେ ନଜର ରଖିବେ ଏବଂ ସେମାନଙ୍କ ଅଣ୍ଡା ଫୁଟିବା ପର୍ଯ୍ୟନ୍ତ ସେମାନଙ୍କୁ ସତର୍କତାର ସହ ଜଗିବେ। ଏହା ସହିତ, ଏହି ସମୟ ମଧ୍ୟରେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ପାର୍କ ଭିତରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ମହୁ ଏବଂ କାଠ ସଂଗ୍ରହ ଭଳି କାର୍ଯ୍ୟକଳାପ ଅଣ୍ଡାକୁ ଜଗିଥିବା ମା' କୁମ୍ଭୀରମାନଙ୍କୁ ଉତ୍ତେଜିତ କରିପାରେ। ଏହା ବ୍ୟତୀତ, ପ୍ରଜନନ ସମୟରେ ସରୀସୃପଙ୍କ ପ୍ରତି କୌଣସି ବାଧାକୁ କମ୍ କରିବା ପାଇଁ ଯାନ୍ତ୍ରିକ ଡଙ୍ଗା ଚଳାଚଳ ଉପରେ ମଧ୍ୟ ଏହି ପ୍ରତିବନ୍ଧକ ଲଗାଯାଇଛି।








**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଶ୍ରୀକ୍ଷେତ୍ରରେ ରାତ୍ର ପହୁଡ ପୂର୍ବରୁ ଶ୍ରୀବିଗ୍ରହଙ୍କ ଉଦ୍ଦେଶ୍ୟରେ ପରିବେଷଣ ହୁଏ ମାହାରୀ ନୃତ୍ୟ

**ପୁରୀ, ୨୯/୪**
**ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ବିଶ୍ୱ ନୃତ୍ୟ ଦିବସ । ରସିକ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ନୃତ୍ୟରେ ମଧ୍ୟ ରୁଚି ରଖନ୍ତି । ମାନବ ପରି ଲୀଳା କରୁଥିବା ଏହି ଭାବର ଠାକୁର କାଳିଆ ସାଆନ୍ତଙ୍କ ଜୀବନଚର୍ଯ୍ୟା ଅତ୍ୟନ୍ତ ମନୋରମ । ରସିକ ଠାକୁରଙ୍କ ନୃତ୍ୟରେ ରହିଛି ଶ୍ରଦ୍ଧା। ଦିନଥିଲା ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରସି ଦେଉଥିଲେ ମାହାରୀ । ରାତ୍ର ପହୁଡ ପୂର୍ବରୁ ଚକାଚକା ଆଖିରେ ନୃତ୍ୟ ଦେଖିବା ପରେ ହିଁ ନିଦ୍ରା ଯିବାର ରହିଥିଲା ଅନେକ ବର୍ଷର ପରମ୍ପରା। ଦେବଦାସୀମାନେ ନିଷ୍ଠାର ସହ ସମର୍ପଣର ସହିତ ମାହାରୀ ନୃତ୍ୟ କରି କାଳିଆ ସାଆନ୍ତେଙ୍କ ସେବା କରିଥାନ୍ତି, ଯାହା ମାହାରୀ ସେବା ନାମରେ ପରିଚିତ । ଓଡ଼ିଶାର ସର୍ବପୁରାତନ ପାରମ୍ପରିକ ନୃତ୍ୟ ମାହାରୀ। ପ୍ରଥମେ ମନ୍ଦିର ମାନଙ୍କରେ ମାହାରୀମାନେ ନିଜ ଜୀବନ ଭଗବାନଙ୍କ ପାଖରେ ଅର୍ପଣ କରିବାର ଚଳଣି ଆରମ୍ଭ କରିଥିଲେ। ଯାହା ଓଡ଼ିଶାର ମନ୍ଦିର କାନ୍ଥରେ ଥିବା ମୂର୍ତ୍ତିରୁ ଜଣାପଡେ। ଇତିହାସ କହେ ରାଜା ଚୋଡଗଙ୍ଗ ଦେବଙ୍କ ସମୟରୁ ଶ୍ରୀମନ୍ଦିରରେ ଏହି ନୃତ୍ୟର ପ୍ରବର୍ତ୍ତନ ହୋଇଥିଲା। କାଳର କରାଳ ପ୍ରବାହରେ ଧୀରେଧୀରେ ଏହି ପରମ୍ପରା ନିଶ୍ଚିହ୍ନ ହୋଇଥିବା ବେଳେ ହଜାର ବର୍ଷର ଏହି ପରମ୍ପରା ଏବେ ଶ୍ରୀମନ୍ଦିରରେ ମଧ୍ୟ ଆଉ ପ୍ରଚଳିତ ନାହିଁ। ତେବେ ପୁର୍ନବାର ଏହି ସେବାକୁ ଶ୍ରୀମନ୍ଦିରରେ ପ୍ରଚଳନ କରିବାକୁ ଦାବି କରିଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାଡଗ୍ରାହୀଙ୍କ ସମେତ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ । ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି ଶ୍ରୀମନ୍ଦିରରେ ପ୍ରାଚୀନ ମାହାରୀ ନୃତ୍ୟର ଆବଶ୍ୟକତା ରହିଥିବା ବେଳେ ଏଥିପାଇଁ ପରିଚାଳନା କମିଟିର ଅନୁମୋଦନ ଆବଶ୍ୟକ। ମାହାରୀ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ର ମଧ୍ୟ ଶ୍ରୀମନ୍ଦିରରେ ଏହାକୁ ପୁନର୍ବାର ପ୍ରଚଳନ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ବିଧି ଅନୁସାରେ ଛୋଟ ବୟସରୁ ହିଁ ମହାପ୍ରଭୁଙ୍କ ପାଖରେ ଶିଶୁ କନ୍ୟାଙ୍କୁ ସମର୍ପଣର ଶିକ୍ଷା ଦିଆଯାଉଥିଲା। ପରେ ସେମାନେ ମହାପ୍ରଭୁଙ୍କ ପାଖରେ ତାଙ୍କୁ ସ୍ୱାମୀ ଭାବ ରଖି ସମର୍ପିତ ହେଉଥିଲେ। ହେଲେ ଏହି ସେବାର ଶେଷ ସନ୍ତକ ଶଶିମଣି ଆଉ ନାହାନ୍ତି। ତାଙ୍କ ମୃତ୍ୟୁ ପୂର୍ବରୁ ଶ୍ରୀମନ୍ଦିରରୁ ଏହି ସେବା ବନ୍ଦ ହୋଇଯାଇଛି। ଗବେଷକଙ୍କ ମତ ଅନୁଯାୟୀ ବୟସାଧିକ ଯୋଗୁଁ ଏହି ସେବାରେ ମାହାରୀମାନେ ଅନୁପସ୍ଥିତ ରହିବା ଏବଂ ସେମାନେ ଉତ୍ତରାଧିକାରୀ ଗ୍ରହଣ ନକରିବା ଏହି ସେବା ବନ୍ଦର କାରଣ ହୋଇପାରେ। ମାତ୍ର କଳା ଠାକୁରଙ୍କ ଏହି ସେବାରେ ଶ୍ରଦ୍ଧା ଓ ଓଡ଼ିଆ ସଂସ୍କୃତିର ପ୍ରମୁଖ ଅଙ୍ଗ ହୋଇଥିବାରୁ ଏହି ସେବାକୁ ଆଉଥରେ ଆରମ୍ଭ କରିବାର ଆବଶ୍ୟକତା ରହିଥିବା କହିଛନ୍ତି ସେବାୟତ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ । ଅନ୍ୟପଟେ ମାହାରୀମାନେ କେବଳ ଭିତର ସେବା କରୁଥିଲେ ତାହା ନୁହେଁ, ଦାରୁବିଗ୍ରହ ନିର୍ମାଣ ସମୟରେ କୋଇଲି ବୈକୁଣ୍ଠ ନିକଟରେ ଉପାସନା କରୁଥିଲେ। ସେହିପରି ନିଳାଦ୍ରୀବିଜେ ସମୟରେ ଲକ୍ଷ୍ମୀନାରାୟଣ କଳିରେ ଲକ୍ଷ୍ମୀଙ୍କ ପକ୍ଷ ନେଉଥିଲେ। ମାହାରୀ ନୃତ୍ୟରୁ ଗୋଟିପୁଅ ନୃତ୍ୟ ଓ ତା'ପରେ ଓଡ଼ିଶୀ ନୃତ୍ୟ ସୃଷ୍ଟି ହୋଇଥିବା ସଂସ୍କୃତି ଗବେଷକମାନେ ମତ ଦିଅନ୍ତି । କିଛିବର୍ଷ ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିବା ବେଳେ ଏବଂ ଏହି ସେବା ପାଇଁ ଅନେକ ଦରଖାସ୍ତ ମଧ୍ୟ ଆସିଥିବା କହିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର। ମାତ୍ର ବିଧି ପରମ୍ପରା ମୁତାବକ କେହି ଜଣେ ବି ଉପଯୁକ୍ତ ନହେବାରୁ ଏବେ ଏହି ସେବା ବିଲୁପ୍ତ ହୋଇ ରହିଛି। ତେଣୁ ଏହି ସେବା ପୁନର୍ବାର ଆରମ୍ଭ କରିବାକୁ ହେଲେ ପରିଚାଳନା କମିଟିର ଅନୁମୋଦନ ଆବଶ୍ୟକ ବୋଲି କହିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର। ତେବେ ଶ୍ରୀମନ୍ଦିରରେ ଏହି ସେବା ବନ୍ଦ ହୋଇଥିଲେ ହେଁ ବାହାରେ ଏହି ମାହାରୀ ନୃତ୍ୟର ବେଶ୍ ଚାହିଦା ରହିଛି। ମାହାରୀ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ର ରାଜ୍ୟ ବାହାରେ ଏହାର ପ୍ରଚାରପ୍ରସାର କରୁଛନ୍ତି। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ମାହାରୀ ସେବା ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇଥିବାରୁ ଏହି ସେବାକୁ ଶ୍ରୀମନ୍ଦିରରେ ପୁନଃ ପ୍ରଚଳନ କରାଯାଉ ବୋଲି କହିଛନ୍ତି। ସେପଟେ ତତ୍କାଳୀନ ସରକାରଙ୍କୁ ବାରମ୍ବାର ମାହାରୀ ସେବାର ପ୍ରଚଳନ ଶ୍ରୀମନ୍ଦିର ଭିତରେ ଆରମ୍ଭ କରିବାକୁ ଦାବି କରି ଫେଲ୍ ମାରିଥିବା ସେ କହିଛନ୍ତି। ତେଣୁ ମୋହନ ସରକାର ଏହି ପ୍ରାଚୀନ ମାହାରୀ ସେବାକୁ ଶ୍ରୀମନ୍ଦିର ଭିତରେ ପୁନଃ ପ୍ରଚଳନ କରିବାକୁ ସେ ଅନୁରୋଧ କରିଛନ୍ତି। ଅନ୍ୟପଟେ ମାହାରୀ ସେବା ମହାପ୍ରଭୁଙ୍କ ଏକ ଅନନ୍ୟ ତଥା ପ୍ରଚଳିତ ସେବା ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ କହିଥିବା ବେଳେ ବର୍ତ୍ତମାନ ତାହା ବିଲୁପ୍ତ ହୋଇଯାଇଥିବା କହିଛନ୍ତି।